
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୩ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 13 August 2025
Vol.No. 36 ■ No.213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ରଦ୍ଦ ହୋଇପାରେ ବିହାର ଏସ୍ଆଇଆର: ସର୍ତ୍ତ ଲାଗୁ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୨/୮ : ବିହାରରେ ଏବେ ନିର୍ବାଚନ କମିଶନ ପକ୍ଷରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ଚାଲିଛି। ଭୋଟର ସଂଶୋଧନ ସର୍ଭେ ଭାବେ ପରିଚିତ ଏହି କାର୍ଯ୍ୟକ୍ରମରେ ୬୫ ଲକ୍ଷ ଲୋକ ପ୍ରାଥମିକ ଭାବେ ବାଦ ପଡ଼ିଥିବା ନିର୍ବାଚନ କମିଶନ ଗୋଟିଏ ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ବଡ଼ କଥା କହିଛନ୍ତି ସୁପ୍ରିମକୋର୍ଟ। ଯଦି ବିହାର ମତଦାତା ତାଲିକାରେ ବେଆଇନ କାର୍ଯ୍ୟକଳାପ ପ୍ରମାଣିତ ହୋଇଯିବ, ତା'ହେଲେ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ରେଜଲ୍ଟକୁ ସେପ୍ଟେମ୍ବର ଶେଷ ସୁଦ୍ଧା ରଦ୍ଦ କରାଯାଇ ପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିହାରରେ ନିର୍ବାଚନ କମିଶନ ଜାରି ରଖିଥିବା ଏସଆଇଆରକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ବେଆଇନ ଭାବେ ଭୋଟର ତାଲିକା ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏସଆଇଆର ବିରୋଧୀ ଆବେଦନର ଶୁଣାଣି କରିବା ବେଳେ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଶୁଣାଣି ବେଳେ ଆବେଦନକାରୀ ଏପରି କାର୍ଯ୍ୟକ୍ରମର ସାମ୍ବିଧାନିକ ଅନୁମତି ଉପରେ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ସର୍ଭେ ବେଳେ ନାଗରିକତାର ପ୍ରମାଣ ଦେବାକୁ ଦସ୍ତାବିଜ ମାଗୁଛନ୍ତି। ହେଲେ କାହାକୁ ନାଗରିକତା ମିଳିବ ବା ମିଳିବ ନାହିଁ, ତା'ର ନିଷ୍ପତ୍ତି ନେବାକୁ ନିର୍ବାଚନ ଆୟୋଗଙ୍କ ପାଖରେ କୌଣସି ଅଧିକାର ନାହିଁ। ନାଗରିକତା ପ୍ରସଙ୍ଗ ସଂପୂର୍ଣ୍ଣ ଭାବେ ଭାରତ ସରକାର ବିଶେଷ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରହିଛି। ସେମାନେ (ନିର୍ବାଚନ କମିଶନ) କହୁଛନ୍ତି, ନାଗରିକତା ଜାଣିବା ପାଇଁ ଆଧାର କାର୍ଡ ଉପଯୁକ୍ତ ଦସ୍ତାବିଜ ନୁହେଁ। କିନ୍ତୁ କାହାର ନାଗରିକତା ଉପରେ ନିଷ୍ପତ୍ତି ନେବାକୁ ସେମାନଙ୍କ ପାଖରେ ଅଧିକାରୀ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଥିଲେ। ସୁପ୍ରିମକୋର୍ଟ ଶୁଣାଣି ବେଳେ ନିର୍ବାଚନ କମିଶନ ରଖିଥିବା ଆଧାର କାର୍ଡ ଯୁକ୍ତିରେ ଏକମତ ହୋଇଛନ୍ତି। ଆଧାର କାର୍ଡକୁ ନାଗରିକତାର ପ୍ରମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଏହାକୁ ସ୍ୱାଧୀନ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, "ଆଧାର କାର୍ଡକୁ ସଂପୂର୍ଣ୍ଣ ଭାବେ ନାଗରିକତାର ପ୍ରମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିଶନ ରଖିଥିବା ଯୁକ୍ତି ଠିକ। ଏହାର ଯାଞ୍ଚ ଆବଶ୍ୟକ। ଇସିଆଇଙ୍କ ପାଖରେ ଯାଞ୍ଚ କରିବାର କ୍ଷମତା ରହିଛି କି ନାହିଁ, ତା'ହା ପ୍ରଥମ ପ୍ରଶ୍ନ।

▶▶ପୃଷ୍ଠା ୭

# ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି

▶▶ପୃଷ୍ଠା ୭

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆକ୍ସନ: ବାଚସ୍ପତି ଗଠନ କଲେ ୩ ଜଣିଆ କମିଟି

ନୂଆଦିଲ୍ଲୀ,୧୨/୮ : ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ବଡ଼ ଆକ୍ସନ । ଲୋକସଭା ବାଚସ୍ପତି ଓମ୍ ବିର୍ଲା। ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଗମ୍ଭୀର ବୋଲି ଗ୍ରହଣ କରି ଏହି ମାମଲାର ଯାଞ୍ଚ ପାଇଁ ୩ ଜଣିଆ କମିଟି ଗଠନ କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ, ଭାରତର ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ନିଜ ରାୟରେ ଏହି ଘଟଣାର ଜରୁରୀ ଯାଞ୍ଚ କରିବା ପାଇଁ କହିଛନ୍ତି। ଏହାସହ ଅଭିଯୋଗକୁ ଦେଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ମଧ୍ୟ ଜଣାଇଛନ୍ତି । ତେଣୁ ଏହାକୁ ଦେଖି ସେ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗଠନ କରିଥିବା ଏହି କମିଟିରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର

▶▶ପୃଷ୍ଠା ୭

# ସାରା ରାଜ୍ୟରେ ଅମଲା ସଂଘର ଆନ୍ଦୋଳନ: ଲୋକେ ହଇରାଣ




ଭୁବନେଶ୍ୱର, ୧୨/୮ (ନି.ପ୍ର): ଶୂନଶାନ ଅଫିସ, ଚେୟାର ଖାଲି, କାମ ଛାଡି ଆନ୍ଦୋଳନରେ ଅମଲା କର୍ମଚାରୀ । ଦୁଇଦିନ ହେଲା ଆନ୍ଦୋଳନରେ ଅମଲା ସଂଘ । ଫଳରେ ବିଭିନ୍ନ ବ୍ଲକ ତହସିଲ ଅଫିସରେ କାର୍ଯ୍ୟ ଠପ୍ ହୋଇଯାଇଛି । ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ଭଦ୍ରକ, ରାଉରକେଲା, କଟକ ସବୁଠାରେ ସେହି ଏକା ସ୍ଥିତି । କର୍ମଚାରୀ ସମୂହ ଛୁଟି ନେଇ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିବା ଫଳରେ ସରକାରୀ କାର୍ଯ୍ୟାଳୟରେ କାମ ଏକପ୍ରକାର ଠପ୍ ହୋଇଛି । ୧୦ଟି ଦାବି ନେଇ ଅମଲା ସଂଘ ଏହି ଆନ୍ଦୋଳନ କରିଛି । ଏଗୁଡିକ ମଧ୍ୟରେ ପ୍ରମୁଖ ରହିଛି ଦରମା ବୃଦ୍ଧି, କ୍ୟାଡର ପୁନର୍ଗଠନ, ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କୁ ଠିକ୍ ଭାବେ ପଦୋନ୍ନତି । ରାଜେଶ କେରକେଟା । ଗୋଡ ଭଲ ନାହିଁ। ଚାଲିବା ପାଇଁ ବାଡି ସାହାରା । ୨୦ କିଲୋମିଟର ଦୂରରୁ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କାମରେ ଆସିଥିଲେ । ହେଲେ କାମ ହେଲା ନାହିଁ, ନିରାଶ ହୋଇ ଫେରୁଛନ୍ତି । ଅଳ୍ପ ବହୁତେ ପ୍ରାୟ ସବୁ ଜିଲ୍ଲାରେ ସେହି ଏକା ପରିସ୍ଥିତି । ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି କର୍ମଚାରୀ । ବିଭିନ୍ନ ସରକାରୀ ଅଫିସକୁ ଆସି, କାର୍ଯବନ୍ଦ ଆନ୍ଦୋଳନ ଯୋଗୁଁ ହୀନସ୍ତା ହୋଇଛନ୍ତି ଲୋକେ । ୧୦ ଦଫା ଦାବି ନେଇ ରାଜସ୍ୱମନ୍ତ୍ରୀଙ୍କ

▶▶ପୃଷ୍ଠା ୭

# ପୁଣି ବାବୁଙ୍କୁ ନେଇ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଆଭିମୁଖ୍ୟ: କହିଲେ 'କାମ ନକଲେ ଦିଅ ବାଧ୍ୟତାମୂଳକ ଅବସର'



ଭୁବନେଶ୍ୱର, ୧୨/୮ (ନି.ପ୍ର): କିଛିଦିନ ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଚିଠିକୁ ନେଇ ପାୱାର କରିଡରରେ ହଲଚଲ ହୋଇଥିଲା। କାରଣ ଚିଠିରେ ଅପାରଗ ଅଧିକାରୀଙ୍କ ତାଲିକା ପ୍ରସ୍ତୁତି ପାଇଁ କଡ଼ା ନିର୍ଦ୍ଦେଶ ରହିଥିଲା । ହେଲେ ଆଜି ବସିଥିବା ସଚିବସ୍ତରୀୟ ବୈଠକରେ ଅପାରଗ ଅଧିକାରୀଙ୍କ ପ୍ରସଙ୍ଗରେ ଆହୁରି କଠୋର ହୋଇଛନ୍ତି ମୁଖ୍ୟ ଶାସନ ସଚିବ । ସୂଚନା ଅନୁସାରେ ଭଲ ପ୍ରଦର୍ଶନ କରୁନଥିବା ଅଧିକାରୀଙ୍କ ଉପରେ ନଜର ରଖିବାକୁ କୁହାଯାଇଛି । ସେମାନଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ ଦିଆଯାଇଛି ନିର୍ଦ୍ଦେଶ । ସୁଧାର ନଆସିଲେ ବାଧ୍ୟତାମୂଳକ ଅବସର ଦେବାକୁ କୁହାଯାଇଛି । ସଚିବସ୍ତରୀୟ ବୈଠକରେ ଅସନ୍ତୋଷ ଝାଡ଼ିଥିଲେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ଆସୁଥିବା ୟୁଆଇ ନୋଟ୍ ଉପରେ ତୁରନ୍ତ ପଦକ୍ଷେପ

▶▶ପୃଷ୍ଠା ୭

# ଛତିଶଗଡ଼ର ବିଜାପୁରରେ ନକ୍ସଲ ଗୁଳିରେ ୨ ଯବାନ ଆହତ

ବିଜାପୁର, ୧୨/୮ (ନି.ପ୍ର): ମଙ୍ଗଳବାର ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଗୁଳିରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଏୟାରଲିଫ୍ଟ କରାଯାଇ ରାୟପୁରକୁ ସ୍ଥାନାନ୍ତରିତ କରାଯାଇଛି। ବର୍ତମାନ ଦୁଇ ଯବାନଙ୍କ ଅବସ୍ଥା ବିପଦମୁକ୍ତ ବୋଲି କୁହାଯାଉଛି। ୧୧ ତାରିଖରେ ବିଜାପୁର ଜିଲ୍ଲାର

▶▶ପୃଷ୍ଠା ୭

# ବ୍ୟବହାର ହେବନି ହରିଜନ ଶବ୍ଦ

ଭୁବନେଶ୍ୱର, ୧୨/୮ (ନି.ପ୍ର): ବିଭିନ୍ନ ଯୋଗାଯୋଗ କ୍ଷେତ୍ରରେ ହରିଜନ ଶବ୍ଦ ବ୍ୟବହାର ହେବନି। ସରକାରୀ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ସରକାରୀ ଯୋଗାଯୋଗରୁ ହଟିବ ହରିଜନ ଶବ୍ଦ। ହରିଜନ ଶବ୍ଦ ବ୍ୟବହାର ନ କରିବା ପାଇଁ ଓଡ଼ିଶା ମାନବାଧିକାର କମିଶନ ବା ଓଏଚଆରସି ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ ହେବ।

# ଭୁବନରେ ବଡ଼ ଅଘଟଣ: ପାରିବାରିକ କଳହରୁ ନିଜକୁ ଜାଳିଦେଲେ ମହିଳା

ଢେଙ୍କାନାଳ, ୧୨/୮ (ନି.ପ୍ର): ପୁଣି ଜଣେ ମହିଳା ନିଜକୁ ଜାଳି ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। ପାରିବାରିକ କଳହରୁ ନିଜକୁ ଶେଷ କରିଦେବାକୁ ଚାହିଁଛନ୍ତି ଢେଙ୍କାନାଳ ଜିଲ୍ଲାର ଜଣେ ମହିଳା । ଖବର ଅନୁସାରେ ଢେଙ୍କାନାଳ ଜିଲ୍ଲା ଭୁବନ ଘଇଉ ପୁରୁଣା ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ନିଜକୁ ଆତ୍ମଦାହ କରିବାକୁ ଉଦ୍ୟମ କରିଥିବା ମହିଳାଙ୍କ ଅବସ୍ଥା ବର୍ତ୍ତମାନ ଗୁରୁତର ରହିଛି । ଗୁରୁତର ଅବସ୍ଥାରେ ମହିଳାଙ୍କୁ କଟକ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ ଋଣ କିସ୍ତି ଟଙ୍କା ପୈଠକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିଥିବା ଜଣାପଡ଼ିଛି । ଗତକାଲି ବରଗଡ଼ରୁ ମଧ

▶▶ପୃଷ୍ଠା ୭

# ଚାଇନା ପ୍ରତି ଆମେରିକାର କୋହଳ ମନୋଭାବ



ନୂଆଦିଲ୍ଲୀ,୧୨/୮ : କେତେବେଳେ ଯେ କ'ଣ କରିବେ ଟ୍ରମ୍ପ ସେକଥା ଜାଣିବା ଭାରି ମୁସ୍କିଲ। ଏଇ ଯେମିତି ଚାଇନାକୁ ଶତ୍ରୁ ଭାବି ବଡ଼ ଟାରିଫ୍ ଲଗାଇଥିବା ଆମେରିକା ଏହାକୁ ୯୦ ଦିନ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ ଗସ୍ତ ପୂର୍ବରୁ ଟ୍ରମ୍ପଙ୍କ ଏହା ଏକ ଚାଲ୍ ନୁହେଁ ତ ? ଚାଇନା ଓ ଆମେରିକାର ଶତ୍ରୁତାକୁ ଅଧିକ ଉଗ୍ର କରିଥିଲା ଟାରିଫ । ଏପରିକି ୱାଂଶିଟନର ଟାରିଫର ଜବାବ ବେଜିଂ ପାଲଟା ଶୁଳ୍କରେ ଦେବାକୁ ଘୋଷଣା କରିଥିଲା । ଉଭୟ ଦେଶର ସମୟସୀମା ସରିବା ଠିକ ଦିନକ ପୂର୍ବରୁ ଟ୍ରମ୍ପ ଏକ ବଡ଼ ଘୋଷଣା କରି ଚାଇନାକୁ ୯୦ଦିନର ଆଶ୍ୱସ୍ତି ଦେଇଛନ୍ତି । ନଭେମ୍ବର ପର୍ଯ୍ୟନ୍ତ ଲଗାଯିବନି ଟାରିଫ। ତେବେ କାହିଁକି ଆଭିମୁଖ୍ୟ ବଦଳାଇଲା ଆମେରିକା ? କାହିଁକି ଚୀନକୁ ଦେଲା ୩ ମାସର ସମୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ଏହା ଟ୍ରମ୍ପଙ୍କ ଏକ ଚାଲ୍ ନୁହେଁ ତ ? ଚାଇନାକୁ ଚାରିପଟୁ ଘେରିବାକୁ ବ୍ରିକ୍ସ ଦେଶ ସମୂହ ଏକାଠି ହେଲେଣି। ପରସ୍ପର ମଧ୍ୟରେ ବାଣିଜ୍ୟ ବୃଦ୍ଧି ପାଇଁ ବିଚାର ମଧ୍ୟ କରୁଛନ୍ତି । ଚୀନକୁ ଟାରିଫ କୋହଳ କରି ହୁଏତ ବ୍ରିକ୍ସଦେଶଙ୍କ ଯୋଜନାକୁ ଫେଲ କରିବାକୁ ଚାହୁଁଥିବେ ଟ୍ରମ୍ପ । ଚଳିତବର୍ଷ ଆମେରିକା- ଚୀନ ପରସ୍ପର ଉପରେ ଟାରିଫ୍ ବୃଦ୍ଧି କରିଥିଲେ। ଚୀନ୍ ଉପରେ ୧୪୫ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ଘୋଷଣା କରିଥିଲେ ଟ୍ରମ୍ପ। କିନ୍ତୁ ଗତ ମେ' ମାସରେ ଆମେରିକା ୩୦ ପ୍ରତିଶତକୁ ଶୁଳ୍କ କମାଇ ଥିଲା। ଚୀନ୍ ଆମେରିକା ଉପରେ ୧୦ ପ୍ରତିଶତ ଶୁଳ୍କ ହ୍ରାସ କରିଥିଲା। ୯୦ ଦିନ ପାଇଁ ହୋଇଥିବା ଏହି ଟାରିଫ୍ ଚୁକ୍ତି ଅଗଷ୍ଟରେ ଶେଷ ହେବାକୁ ଥିଲା। ଏହାପରେ ପୁଣି ୯୦ ଦିନ ପାଇଁ ଟାରିଫ୍ ବୃଦ୍ଧି ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି ଉଭୟ ଦେଶ। ସେପଟେ ବେଜିଂରେ ମୋଦୀ ପହଞ୍ଚିବା ପୂର୍ବରୁ ଆମେରିକା ଏହି ଘୋଷଣା ଚାଇନାର ରାଗକୁ ଅଳ୍ପବହୁତ ଥଣ୍ଡା କରିପାରେ । ଟାରିଫକୁ ନେଇ ଭାରତ ଯେଉଁ କୂଟନୈତିକ କୌଶଳ ଆପଣାଉଛି ତାକୁ ବିଫଳ କରିବାକୁ ହୁଏତ ଟ୍ରମ୍ପ ଏହି ଗୋଟି ଚାଳନା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ଆଜି ସୁଦ୍ଧା ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର : ବର୍ଷା ସମୟରେ ୩୦ରୁ ୪୦ କିମି ପବନ ବହିବାର ସମ୍ଭାବନା



ଭୁବନେଶ୍ୱର , ୧୨/୮ (ନି.ପ୍ର): କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିଛି ଘୁର୍ଣ୍ଣିବଳୟ। ଏହାର ପ୍ରଭାବରେ ଆସନ୍ତକାଲି ବା ୧୩ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପଶ୍ଚିମ କେନ୍ଦ୍ରୀୟ ଓ ତତ୍ ସଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ପରେ ଆଗାମୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବ । ଫଳରେ ରାଜ୍ୟରେ ୩ ଦିନ ଧରି ଭାରି ଓ ବିସ୍ତୃତି ବର୍ଷାର ସମ୍ଭାବନା ଦେଇଛି ପାଣିପାଗ ବିଭାଗ । ବିଶେଷ କରି ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡଘଡି ବର୍ଷର ସମ୍ଭାବନା ଥିବା ବେଳେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଏହି ୩ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ବର୍ଷା ସମୟରେ ୩୦ ରୁ ୪୦ କିମି ର ଝଟକା ପବନ ହେବାର ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲି ସାରା ଓଡ଼ିଶାରେ ବର୍ଷା ସହ କିଛି ସ୍ଥାନରେ ଭାରି ବର୍ଷାର ସମ୍ଭାବନା ଥିବା ବେଳେ ମାଲକାନଗିରି ଓ କୋରାପୁଟ ରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ସେହିପରି ପ୍ରବଳ ବର୍ଷା ପାଇଁ ଗଜପତି, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର ,

▶▶ପୃଷ୍ଠା ୭

# ଓଡ଼ିଶାରେ ପ୍ରତିଷ୍ଠା ହେବ ୨ଟି ସେମିକଣ୍ଡକ୍ଟର ମ୍ୟାନୁଫାକ୍ଚରିଂ ୟୁନିଟ୍

ନୂଆଦିଲ୍ଲୀ,୧୨/୮ : କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି। ଓଡ଼ିଶା ସମେତ ୩ଟି ରାଜ୍ୟରେ ୪ଟି ନୂଆ ସେମି କଣ୍ଡକ୍ଟର ପ୍ରକଳ୍ପକୁ ମିଳିଲା ଅନୁମତି। ଏଥିରୁ ଓଡ଼ିଶାରେ ପ୍ରତିଷ୍ଠା ହେବ ୨ଟି ସେମି କଣ୍ଡକ୍ଟର ୟୁନିଟ୍। ସେହିପରି ଆନ୍ଧ୍ର ପ୍ରଦେଶ ଓ ପଞ୍ଜାବରେ ୨ଟି ଲେଖାଏ ପ୍ରକଳ୍ପ ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିରେ ୪ହଜାର ୫୯୪ କୋଟି ଟଙ୍କା ନିବେଶ ହେବ। ଓଡ଼ିଶାରେ ୨ଟି ସେମି କଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠାରେ ନିବେଶ ହେବ ୨ହଜାର ୬୬ କୋଟି ଟଙ୍କା। କ୍ୟାବିନେଟ୍ ବୈଠକ ପରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବୈଷ୍ଣବ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ କମ୍ପାଉଣ୍ଡ ସେମିକଣ୍ଡକ୍ଟର

▶▶ପୃଷ୍ଠା ୭

# ସେଲ୍ ଆରଏସପି ଦ୍ୱାରା ସ୍ଥାୟୀ ସବୁଜ କୃଷି ମାଧ୍ୟମରେ ଅବହେଳିତ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ



ରାଉରକେଲା, ୧୨/୦୮ (ନି.ପ୍ର): ଏକ ଅଗ୍ରଣୀ ସିଏସଆର ପଦକ୍ଷେପ ଅଧୀନରେ, ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜୈବିକ କୃଷି କୌଶଳ ବ୍ୟବହାର କରି ସ୍ଥାୟୀ ସବୁଜ କୃଷି ମାଧ୍ୟମରେ କ୍ଷୁଦ୍ର ମହିଳା ଚାଷୀଙ୍କ ଆର୍ଥିକ ଉତ୍ଥାନ ପାଇଁ ଏକ ଅନନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି । ଏହି ସମନ୍ୱିତ ପ୍ରୟାସର ଉଦ୍ଦେଶ୍ୟ ହେଉଛି ଏଭଳି ଏକ ବାତାବରଣ ସୃଷ୍ଟି କରିବା ଯାହା ଗ୍ରାମୀଣ ସମ୍ପ୍ରଦାୟର ଛୋଟ ମହିଳା ଚାଷୀମାନଙ୍କୁ ଜୈବିକ ଉତ୍ପାଦ ଅଭ୍ୟାସ ଏବଂ ପ୍ରସ୍ତୁତ କରିବାକୁ ସକ୍ଷମ କରିଥାଏ । ଏହା ମାର୍କେଟିଂ ଏବଂ ବିକ୍ରୟରେ ସହାୟତା ପ୍ରଦାନ ସହିତ ଉତ୍ପାଦନ ପାଇଁ ପ୍ରାରମ୍ଭିକ ସିଏସଆର ସହାୟତା ମଧ୍ୟ ପ୍ରଦାନ କରେ । ଯୋଜନାର ଲାଭ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆରଏସପିର ପ୍ରତ୍ୟକ୍ଷ ପ୍ରଭାବ କ୍ଷେତ୍ର ଏବଂ ପୁନର୍ବସତି କଲୋନୀର ମହିଳାମାନଙ୍କୁ ପ୍ରଦାନ କରାଯାଇଛି ଯାହା ପରିବାର ଏବଂ ସମୁଦାୟକୁ ଲାଭ ପହଞ୍ଚାଇ ଏକ ସ୍ଥିର ଆୟ ଏବଂ ଦକ୍ଷତା/ଉତ୍ପାଦନ ଦିଗରେ ଏକ ଦୀର୍ଘସ୍ଥାୟୀ ସମାଧାନ ହୋଇପାରିବ ।

ଉଲ୍ଲେଖନୀୟ ଯେ ଜୈବିକ କୃଷି ପ୍ରକଳ୍ପ ଏନଆଇଟି ରାଉରକେଲା ସହିତ ମିଳିତ ସହଭାଗିତାରେ ଆରଏସପି ଦ୍ୱାରା ଆରମ୍ଭ କରାଯାଇଥିଲା ଯାହାର ଲକ୍ଷ୍ୟ ୪ ବର୍ଷ ମଧ୍ୟରେ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଅତି କମରେ ୭୦୦ ଚାଷୀଙ୍କୁ ବିଶେଷତଃ ଅଧିକାଂଶ ମହିଳାଙ୍କୁ ଏଥିରେ ସାମିଲ କରିବା ରହିଛି । ମହିଳା ଚାଷୀମାନଙ୍କୁ ଜୈବିକ କୃଷିର ମୌଳିକ ବିଷୟ, ଏହାର ସ୍ଥାୟୀତ୍ୱ ବୈଶିଷ୍ଟ୍ୟ, ଚାଷୀମାନଙ୍କୁ ଜିଆଖତ, ଜୈବିକ ସାର, ଜୈବ କୀଟନାଶକ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପ୍ରସ୍ତୁତି ଉପରେ ବ୍ୟବହାରିକ ତାଲିମ ପ୍ରଦାନ କରାଯାଉଛି । ଲୋକଙ୍କୁ ଜୈବିକ କୃଷି ବିଷୟରେ ସଚେତନ ଏବଂ ଦକ୍ଷ କରିବା ଏବଂ ସୁସ୍ଥ, ପରିବେଶ ଅନୁକୂଳ ଏବଂ ସ୍ଥାୟୀ କୃଷି ପଦ୍ଧତି ପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟ ଉଦ୍ଦେଶ୍ୟ ରହିଛି । ଏହି କାର୍ଯ୍ୟକ୍ରମରେ ଆୟ ଏବଂ ପୁଷ୍ଟିସାର ଏକ ଅତିରିକ୍ତ କିମ୍ବା ମୁଖ୍ୟ ଉତ୍ସ ପ୍ରଦାନ କରିବା ପାଇଁ ଛତୁ ଚାଷ ତାଲିମ ମଧ୍ୟ ଅନ୍ତର୍ଭୁକ୍ତ, ଜିଆ ଖତ ଗର୍ତ୍ତ ନିର୍ମାଣ ଏବଂ ଉତ୍ସର୍ଗୀକୃତ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଉତ୍ପାଦଗୁଡ଼ିକୁ ବିକ୍ରୟ କରିବାରେ ସାହାଯ୍ୟ କରିବା ପାଇଁ ଆର୍ଥିକ ଏବଂ ଲଜିଷ୍ଟିକ୍ ସହାୟତା ସହିତ ଅନ୍ତର୍ଭୁକ୍ତ ରହିଛି ।

ଏହି ପ୍ରକଳ୍ପଟି ଗ୍ରାମାଞ୍ଚଳର କ୍ଷୁଦ୍ର ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ପ୍ରଶିକ୍ଷକ ଭାବରେ ସେମାନଙ୍କର କ୍ଷମତା ନିର୍ମାଣ କରିବା ପାଇଁ ଉତ୍ସର୍ଗିତ ଅଟେ । ଓରମାସ, କୃଷି ବିଜ୍ଞାନ କେନ୍ଦ୍ର, ଏନଆଇଟି ରାଉରକେଲା, ସରକାରଙ୍କ ଉଦ୍ୟାନକୃଷି ବିଭାଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ସହଭାଗୀତା ମାଧ୍ୟମରେ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ଜିଆଖତ, ଜୀବନାମୃତ, ବିଜାମୃତ, ଛତୁ, ଜୈବିକ ହଳଦୀ ଏବଂ କଦଳୀ ପରି ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ ଏବଂ ବଜାରସୃଷ୍ଟି କରିବା ଏବଂ ସେମାନଙ୍କୁ ସ୍ଥାନୀୟ ଗ୍ରାହକଙ୍କ ସହ ସଂଯୋଗ କରିବା ନିମନ୍ତେ ଲକ୍ଷ୍ୟ ରଖିଛି ।

ଏହି ବହୁମୁଖୀ ପ୍ରୟାସ ମାଧ୍ୟମରେ, ଆରଏସପିର ସିଏସଆର କେବଳ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଛି ତାହା ନୁହେଁ, ବରଂ ମହିଳା ଚାଷୀମାନଙ୍କୁ ପ୍ରଶିକ୍ଷକ ଏବଂ ସମ୍ପ୍ରଦାୟ ନେତୃତ୍ୱ ହେବାକୁ ସକ୍ଷମ କରୁଛି, ଯାହା ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ପ୍ରଭାବକୁ ସୁନିଶ୍ଚିତ କରୁଛି ।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୧୨/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ମୋଟ ୬୯ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୬୫ ଗୋଟି ବ୍ୟକ୍ତିଗତ, ୪ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୩ ଗୋଟି ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।

ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ବ୍ରହ୍ମଗିରି ବିଡିଓ ଅମୀୟ କୁମାର ପଣ୍ଡା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଂଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅଗଷ୍ଟ ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୁହ ଛୁଟିରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା

କନ୍ଧମାଳ, ୧୨/୦୮ (ନି.ପ୍ର): ବହୁ ପ୍ରତୀକ୍ଷିତ ଦଶ ଦଫା ଦାବୀ ପୁରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହିବା ପରିପ୍ରେକ୍ଷୀରେ ଆଜି କନ୍ଧମାଳ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ ସାମୁହିକ ଛୁଟିରେ ଅଛନ୍ତି ।

ପ୍ରକାଶ ଥାଉକି, ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବୀ ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନ୍ଧମାଳର ସଭାପତି ଗଣେଶ ନାୟକ, ସଂପାଦକ ସିମାଂଚଳ ପଣ୍ଡା ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି ।

ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଂଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡ଼ିକୁ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲା ମାନଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତି ନେଇଥିଲା । କିନ୍ତୁ, ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡ଼ିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦ ପ୍ରତିଶତରୁ ୩୩ ପ୍ରତିଶତ କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲା ସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା ।

ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନଙ୍କ ପଦବୀ ପୁର୍ନଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି । ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଂଚିତ ହୋଇଗଲେ ।

# କ୍ରିକେଟ୍ ଖେଳ ପ୍ରତି ରୁଚି ରଖୁଛନ୍ତି ବର୍ତ୍ତମାନର ଯୁବ ପ୍ରତିଭା : ଉଦୀୟମାନ ଯୁବ ପିଢ଼ିକୁ ନେଇ ଡିଷ୍ଟ୍ରିକ୍ଟ ପାଇନର କ୍ରିକେଟ୍ ଏକାଡେମୀ ଚର୍ଚ୍ଚାରେ

ବଲାଙ୍ଗିର, ୧୨/୦୮ (ନି.ପ୍ର): ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍ ରେ ଜିଲ୍ଲା ଏଥେଲେଟିକ ଏସୋସିଏସନ୍ ର ସହଯୋଗ ଫଳରେ ଗତ କିଛି ମାସରୁ ଆରମ୍ଭ ହୋଇଥିବା ଯୁବ କ୍ରିକେଟ୍ ପ୍ରତିଭାଙ୍କୁ କିଛିଟା ପ୍ରଶିକ୍ଷଣ ତାଲିମ ଓ ଯୁବା କ୍ରିକେଟ୍ ଖେଳାଳିଙ୍କ ଇଚ୍ଛା ଶକ୍ତି ଫଳରେ କ୍ରିକେଟ୍ ଖେଳ ଜାରୀ ରହିଛି । ଡିଷ୍ଟିକ୍ଟ ପାଇନର କ୍ରିକେଟ୍ ଏକାଡେମୀ ବଲାଙ୍ଗୀର ମାଧ୍ୟମରେ । ଯେଉଁଥିରେ ଧୀରେ ଧୀରେ ଯୁବା ପ୍ରତିଭା ଏବେ ତାଙ୍କ ପ୍ରତିଭା ପ୍ରତିପାଦନ ସହ ଆୟ ଦିନ କ୍ରିକେଟ୍ ତାଲିମ ସହ ବନ୍ଧୁତା ପୂର୍ଣ୍ଣ ଖେଳ ମାଧ୍ୟମରେ ଅଗ୍ରସର ହେଉଛନ୍ତି । ଯାହା ବଲାଙ୍ଗୀର ର ଯୁବ କ୍ରିକେଟ୍ ପ୍ରତି ଏକ ଶୁଭ ସଙ୍କେତ ଦେଖା ଦେଇଛି । ଓ ତାକୁ ବଜାୟ ରଖି ଆଜି ସୋନପୁର ଜିଲ୍ଲାର ଯୁବ କ୍ରିକେଟ୍ ଖେଳାଳି ସୋନପୁର କ୍ରିକେଟ୍ ଏସୋସିଏସନ୍ ବନାମ ଡିଷ୍ଟ୍ରିକ୍ଟ ପାଇନର କ୍ରିକେଟ୍ ଏକାଡେମୀ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ ବଲାଙ୍ଗୀର ଟାଉନ ହାଇ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ୨୦ ଓଭର ବିଶିଷ୍ଟ ଡ୍ୟୁଜ ବଲ୍ ଖେଳରେ ଉଭୟ ଦଳ ଚିତାକର୍ଶକ ଖେଳ ପ୍ରଦର୍ଶନ କରିଥିଲେ । ତେବେ ଏହି ଶୁଭ ଅବସରରେ ଜିଲ୍ଲା ଏଥେଲେଟିକ ଏସୋସିଏସନ ସମ୍ପାଦକ ହରି ନାରାୟଣ ପୁଝାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବାର ଏସୋସିଏସନ ର ସଭାପତି ବାସୁଦେବ ରଥ ଯୋଗ ଦେଇ ଉଭୟେ ଖେଳାଳିକୁ ଉତ୍ସାହିତ କରିଥିଲେ ଏବଂ ଉଭୟ ଦଳର ଯୁବ କ୍ରିକେଟ୍ ଖେଳାଳି ଙ୍କ ବିକଶିତ ପ୍ରତିଭା ପାଇଁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେହିପରି ଉଭୟ ଦଳର ଖେଳାଳି ଖେଳ ପୂର୍ବରୁ ଜାତୀୟ ପତାକାକୁ ସମ୍ମାନ ଜଣାଇ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ରାଷ୍ଟ୍ରୀୟ ଧ୍ବଜ୍ କୁ ଆନ୍ତରିକ ସହ ସମ୍ମାନ ଜଣାଇ ଖେଳ ଶୁଭାରମ୍ଭ କରିଥିଲେ । ଯାହା ଯୁବ ପୀଢ଼ିଙ୍କ ମଧ୍ୟରେ ଦେଶ ମାଟି ପ୍ରତି ଥିବା ତାଙ୍କ ଆନ୍ତରିକ ଭଲ ପାଇବା ଝଲ୍ ଝଲ୍ ପରୀଲକ୍ଷିତ ହୋଇଥିଲା । ସେପଟେ ଏହି ବନ୍ଧୁତା ପୂର୍ଣ୍ଣ ୨୦ ଓଭର ବିଶିଷ୍ଟ ଡ୍ୟୁଜ ବଲ କ୍ରିକେଟ୍ ମ୍ୟାଚ ଆୟୋଜନ କରିଥିବା ଏକାଡେମୀ ର ଚେୟାର ମେନ୍ ସୁଶାନ୍ତ କୁମାର ଠାକୁର, ରଞ୍ଜନ କୁମାର ଠାକୁର, ବିକାଶ ମିଶ୍ର, ସନ୍ତୋଷ ପାଣିଗ୍ରାହୀ ଆରୟନ ଠାକୁର ପ୍ରମୁଖ ରହିଥିବା ବେଳେ ରଶ୍ମି ରଞ୍ଜନ ପଟ୍ଟନାୟକ, ପୂର୍ବତନ କ୍ରିକେଟ୍ ଖେଳାଳୀ ଆଶିଷ ମିଶ୍ର, ପ୍ରଦୀପ ସତପଥି, ବର୍ତମାନର ଉଦୟ ଖେଳାଳୀ ଜିତୁ ଏବଂ ସୋନପୁର ଜିଲ୍ଲା ରୁ ଆସିଥିବା ଜିଲ୍ଲା କ୍ରିକେଟ୍ ଏସୋସିଏ ସନର କୋଚ ବାବୁଲୁ ମହାନନ୍ଦ, ଖେଳରେ ସାମିଲ ଥିବା ଅବିଭାବକ ଅକ୍ଷୟ କୁମାର ମଲ୍ଲିକଙ୍କ ସହ ବହୁ ସଂଖ୍ୟାରେ ଖେଳାଳୀଙ୍କ ଅଭିଭାବକ ଉପସ୍ଥିତ ଥିଲେ ।

# ସ୍ୱାଧିନତା ଦିବସ ଉପଲକ୍ଷେ ପ୍ୟାରେଡ ଅଭ୍ୟାସ

ଜୟପୁର, ୧୨/୦୮ (ନି.ପ୍ର): ଜୟପୁର ଉପଖଣ୍ଡ ସ୍ତରିୟ ୭୯ ତମ ସ୍ୱାଧିନତା ଦିବସ ପାଳନ ନେଇ ପ୍ୟାରେଡ ଅଭ୍ୟାସ କରାଯାଇଛି । ସୋମବାର ଜୟପୁର ଦଶହରା ପଡିଆରେ ଅଭ୍ୟାସ କରାଯାଇଛି । ଆଜି ୯ ଟାରୁ ଦିନ ୧୧ଟା ଯାଏ ଅଭ୍ୟାସ କରାଯାଇଥିଲା । ଜୟପୁର ଦଶହରା ପଡିଆରେ ସ୍ୱାଧିନତା ଦିବସ ପାଳନ ହେବ । ଏହି ପ୍ୟାରେଡ ଅଭ୍ୟାସରେ ଜୟପୁର ସହରରେ ଥିବା ସ୍କୁଲ କଲେଜ, ବିଶ୍ୱ ବିଦ୍ୟାଳୟର ର ଏନସସି, ସ୍କାଉଟ, ଗାଇଡ, ରେଡକ୍ରସ, ସାଧାପୋଷାକଧାରୀ, ଘୋଷବାଦ୍ୟ ଭଳି ୩୯ଟି ଗ୍ରୁପ ଅଭ୍ୟାସ କରିଥିଲେ । ୩ ଦିନ ଧରି ଅଭ୍ୟାସ କରାଯିବା । ଉପଖଣ୍ଡ ପ୍ରଶାସନ ତରଫରୁ ସବୁ ବ୍ୟବସ୍ଥା କରାଯାଇଥିବା ବିଷୟ ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରି ଯୋଶଦା ଗାଦବା ସୂଚନା ଦେଇଛନ୍ତି ।

# ଖଇରପୁଟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ମାଲକାନଗିରି, ୧୨/୦୮ (ନି.ପ୍ର): ଆଜି ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୦୩ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୫୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୧୦ ଗୋଟି ପେନସନ ସମ୍ବନ୍ଧୀୟ ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନସନ, ଆବାସ ସମସ୍ୟା ଓ ରାସନ୍ କାର୍ଡ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ୍, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଖଇରପୁଟ ବିଡିଓ ଉମା ଶଙ୍କର କୋୟା, ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶୁଣାଣୀରେ ରାସନ୍ କାର୍ଡ, ପେନସନ୍ ଓ ଆବାସ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା ।

# ଦିବଂଗତ କବି ବଳରାମ ପୂଜାରୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ମାଲକାନଗିରି, ୧୨/୦୮ (ନି.ପ୍ର): ସ୍ୱର୍ଗତଃ କବି ବଳରାମ ପୂଜାରୀ ସ୍ମୃତି ସଂସଦ, କୁଡୁମୁଲୁଗୁମ୍ମା ତରଫରୁ ଆଜି ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରେ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତି ଅନାବରଣ କରାଯିବା ସହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଦିନ ୧୧ଟା ସମୟରେ ବହୁ ବିଶିଷ୍ଟ ସାହିତ୍ୟିକ, କବି/କବୟିତ୍ରୀ, ଶିକ୍ଷାବିତ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କବି ବଳରାମ ପୂଜାରୀଙ୍କ ପିତା ଇନ୍ଦ୍ରମଣି ପୂଜାରୀ ଏବଂ ତାଙ୍କ ଶ୍ୱଶୁର ବାଳକୃଷ୍ଣ ରଣାଙ୍କ କରକମଳରେ କବିଙ୍କ ପ୍ରତିମୂର୍ତି ଉନ୍ମୋଚନ କରାଯାଇଥିଲା । ଏହାପରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ସଭା ମଂଚରେ ଅତିଥି ଭାବେ ରାଜେନ୍ଦ୍ର ପାଢ଼ୀ ଆଦିବାସୀ ସଂସ୍କୃତି ଗବେଷକ, ବୈଶାଖୀ ପରିବାର, କୁଳାବୀର, ପାଢୁଆ ର ସଭାପତି, ବୁଲୁ ହୋତା ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ, ନବରଙ୍ଗପୁର, ସାଇମନ ବିଡ଼ିକା ଦେଶିଆ କୁଟୁମ୍ବ ସଭାପତି, କବୀ ଝାନ୍ସୀ ସିଂ ଅଧକ୍ଷ ଶ୍ରୀତମ କଲେଜ, ସେମିଳିଗୁଡା, ଦଣ୍ଡପାଣି ମହାପାତ୍ର ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ, ଗଞ୍ଜାମ, ହେମନ୍ତ ଦଳପତି ଅଧ୍ୟାପକ ଡାଏଟ୍, ଚିତ୍ରକୋଣ୍ଡା, ରାମହରି ସାହୁ ବରିଷ୍ଠ ସାମ୍ବାଦିକ, କୁଡୁମୁଲୁଗୁମ୍ମା ଏବଂ କବିଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ରଣା ମଂଚାସୀନ ଥିଲେ । ସମସ୍ତ ଅତିଥି କବିଙ୍କ ସ୍ମୃତି ଚାରଣ କରିବା ସହିତ ଆଗାମୀ ଦିନରେ କବିଙ୍କ ନାମରେ ଯେଉଁ ସ୍ମୃତି ସଂସଦ ଗଠନ କରାଯାଇଛି ତାହା କିଭଳି ଭାବରେ ସୁଦୃଢ ହୋଇ ପାରିବ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ କ୍ଷ କବି ବଳରାମ ପୂଜାରୀଙ୍କ ଛଅ ଗୋଟି କବିତା ସଂକଳନ ପ୍ରକାଶିତ ହୋଇଥିବା ସ୍ଥଳେ ଆହୁରି ଅନେକ ଅପ୍ରକାଶିତ ଲେଖା ରହିଯାଇଛି । ତାହାର ପାଣ୍ଡୁ ଲିପିକୁ ସଂଗ୍ରହ କରି ତାହାର ପ୍ରକାଶନ ଦାୟିତ୍ୱ ହାତକୁ କିପରି ନିଆଯିବ ସେ ସମ୍ବନ୍ଧରେ ମତ ପ୍ରକାଶ ପାଇଥିଲା । କବିଙ୍କ ସ୍ମୃତିକୁ ସବୁଦିନ ଉଜ୍ଜୀବିତ ରଖିବା ପାଇଁ କବିପତ୍ନୀଙ୍କ ଏଭଳି ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ ।

କବି ବିଜୟାଶ୍ରୀ ପାଣିଗ୍ରାହୀ ମଂଚ ପରିଚାଳନା ଦାୟିତ୍ୱ ଖୁବ୍ ସୁନ୍ଦର ଭାବରେ ନିଭାଇଥିଲେ । ସମାଜସେବୀ ଭଗବାନ ସାହୁ, ବାଳକୃଷ୍ଣ ପ୍ରଧାନ, ରମେଶ ଚନ୍ଦ୍ର ନେଲୁର, ଅଶୋକ ପ୍ରଧାନ, ରୁଦ୍ରାଭିଷେକ ପୂଜାରୀ, ଗୋପୀ ପାଙ୍ଗି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲେ । ବଳରାମ ପୂଜାରୀଙ୍କ ନାମରେ ସମସ୍ତେ ଗୋଟିଏ ଲେଖାଏଁ ଗଛ ନେଇ ନିଜ ବାଡ଼ିରେ ଲଗେଇ ଯତ୍ନ ନେବା ପାଇଁ ନଡ଼ିଆ, ଆମ୍ବ, ପିଜୁଳି ଚାରା ବଣ୍ଟନ କରାଯାଇଥିଲା ।

# ପ୍ରସନ୍ନ କ୍ଷେମେଶ୍ୱର ଶୈବପୀଠରେ ଜଳାଭିଷେକ କଲେ ହଜାର ହଜାର ଶ୍ରଦ୍ଧାଳୁ



ବାସୁଦେବପୁର, ୧୨/୮ (ନି.ପ୍ର): ଆଜି ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗାଁ ଠାରେ ଥିବା ପ୍ରସନ୍ନ କ୍ଷେମେଶ୍ୱର ଶୈବ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି । ଶ୍ରାବଣ ମାସର ଆଜି ଥିଲା ଶେଷ ସୋମବାର । ଏହି ଅବସରରେ ଆମର କାଉଡ଼ିଆ ଭାଇ ଭଉଣୀ ମାନେ ଏହି ଶୈବ ପୀଠରେ ଜଳାଭିଷେକ କରିବା ସହିତ ତାଙ୍କର ମନସ୍କାମନା ପୂରଣ ପାଇଁ ଭଗବାନ ଶିବଙ୍କ ଠାରେ ପ୍ରାର୍ଥନା କରିଛନ୍ତି । ହଜାର ହଜାର ଭକ୍ତ ଏହି ଅବସରରେ ଯୋଗ ଦେଇଥିଲେ । ମନ୍ଦିର କମିଟିର ସଭାପତି, ସମ୍ପାଦକ, ସଦସ୍ୟ ଓ ବହୁ ଭକ୍ତ ଏହି ଶୁଭ ଦିବସରେ ଯୋଗ ଦେଇଥିଲେ । ଏହି ଶୁଭ ଦିବସ ଓ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ମନ୍ଦିର କମିଟିର କର୍ମକର୍ତ୍ତା ଶିକ୍ଷାବିତ୍ ଓ ସମାଜସେବୀ କୈଳାସ ଚନ୍ଦ୍ର ସାହୁ, ତାପସ ଭାଇ, ତପନ ଭାଇ, ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଦୀକ୍ଷିତ , ପ୍ରଭାତ ବାରିକ୍ ଓ ବହୁ ସମାଜ ସେବୀ ଓ ଭକ୍ତ ବନ୍ଧୁ ଯୋଗ ଦେଇଥିଲେ । ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ମାନେ ଆସି ଧାଡ଼ିରେ ଠିଆ ହୋଇ ଠାକୁର ଦର୍ଶନ କରିଥିଲେ । ବ୍ରାହ୍ମଣଗାଁରେ ଏହି ପାତାଳୀ ମହାଦେବ ଙ୍କ ଆଧାତ୍ମିକ ଶକ୍ତିରେ ସମସ୍ତଙ୍କର ମଙ୍ଗଳ ହୋଇଛି । ବହୁ ଭକ୍ତ ଓ କାଉଡ଼ିଆ ମନ୍ଦିରରେ ନୀତି କାନ୍ତି ଅନୁସାରେ ଠାକୁରଙ୍କ ପାଖରେ ଭୋଗ କରିଥିଲେ । ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରିବା ସହିତ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଭଜନ କୀର୍ତ୍ତନ ଓ ମେଲୋଡି ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ । ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଭାଲୁ ଆକ୍ରମଣରେ ଯୁବକ ଆହତ

ମୁଖୀଗୁଡା, ୧୨/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଅଁଳାଭଟା ଗ୍ରାମପଞ୍ଚାୟତ ପୋଡାଖୋଲ ଗାଁର ଗୋପାଳ ମାଝୀ (୪୫) ଭାଲୁ ଆକ୍ରମଣର ଶିକାର ହେଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି । ନିଜର କ୍ଷେତକୁ ଛେଳି ଚରେଇବା ପାଇଁ ଯାଇଥିବା ବେଳେ ସେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ ।

# ଯୌତୁକ ପାଇଁ ବୋହୂକୁ ନିର୍ଯ୍ୟାତନା ଅଭିଯୋଗ

ବାରିପଦା, ୧୨/୦୮ (ନି.ପ୍ର): ମହିଳାଙ୍କୁ ଅଧିକ ଯୌତୁକ ପାଇଁ ସ୍ୱାମୀ ଓ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ନେଇ ଅଭିଯୋଗ ହୋଇଛି । ଏନେଇ ପୂର୍ଣ୍ଣଚନ୍ଦ୍ରପୁର ଅଂଚଳର ପୂର୍ଣ୍ଣିମା ମହାକୁଡ଼ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ପୂର୍ଣ୍ଣିମା ଉକ୍ତ ଅଂଚଳର ସୁକଦେବ ଗିରିଙ୍କୁ ୨୦୨୪ ମସିହାରେ ବୈଦିକ ରୀତିନୀତିରେ ବିବାହ କରିଥିଲେ । ବିବାହର କିଛି ଦିନ ପର୍ଯ୍ୟନ୍ତ ପାରିବାରିକ ଜୀବନ ଠିକ ଭାବେ ଅତିବାହିତ ହୋଇଥିଲା । ଏହାପରେ ଅଧିକ ଯୌତୁକ ପାଇଁ ଶାଶୁ ଘର ଲୋକେ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ । ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ପିଟାମରା କରୁଥିବା ବିଷୟକୁ ନେଇ ଅଭିଯୋଗ କରିଛନ୍ତି । ସେହିପରି ବାପଘରୁ ଅଧିକ ଯୌତୁକ ଟଙ୍କା ଆଣିବାକୁ ବାରମ୍ବାର କହୁଥିଲେ । ସେ ଏଥିରେ ଅମଙ୍ଗ ହେବାରୁ ପିଟାମରା କରିଥିଲେ । ଗତ ରାକ୍ଷୀ ପୂର୍ଣ୍ଣିମା ଦିନ ସେ ବାପାଙ୍କ ଘରକୁ ଯାଇଥିଲେ । ସେଠାରୁ ଶାଶୁ ଘରକୁ ଫେରିବା ପରେ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ଆଦି ମିଶି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ପିଟାମରା କରିଥିଲେ । ଯାହା ଫଳରେ ତାଙ୍କର ମୁହଁ, ହାତ ଆଦି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି । ହସ୍ପିଟାଲରେ ଭର୍ତି ହୋଇ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ ତାଙ୍କୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେଇଥିବା ବେଳେ ଥାନାରେ ଅଭିଯୋଗ ହୋଇଥିଲା । ଆଗକୁ ଆଉ ନିର୍ଯ୍ୟାତନା ଦେବେ ନାହିଁ ବୋଲି ଆପୋଷ ବୁଝାମଣା ପରେ ସମାଧାନ ହୋଇଥିଲା ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ସିଲିକନ୍ ଷ୍ଟିଲ୍ ମିଲ୍ର କାର୍ମିକ ‘ସେଲ୍ ସାବାସ ପୁରସ୍କାର’ ଯୋଜନାରେ ପୁରସ୍କୃତ



ରାଉରକେଲା, ୧୨/୦୮ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନାର ସିଲିକନ୍ ଷ୍ଟିଲ୍ ମିଲ୍ (ଏସ ଏସ ଏମ), ରେ ଅଗଷ୍ଟ ୧୧ ତାରିଖରେ ଆୟୋଜିତ ହୋଇଥିବା ଏକ ସମାରୋହରେ ବିଭାଗର ତିନି ଜଣ କାର୍ମିକଙ୍କୁ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା ।

ଏହି ସମାରୋହରେ ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସି ଜି ଏମ ଶ୍ରୀ ସୁବ୍ରତ କୁମାର ଅଧକ୍ଷତା କରି ଅପରେସନ ବିଭାଗର ଏ ଜି ଏମ ଶ୍ରୀ ପି. ସି. ସ୍ୱାଇଁ, ଜୁନିଅର୍ ଇଞ୍ଜିନିୟରିଂ ଆସୋସିଏଟ୍ ସୁଶ୍ରୀ ପାୟଲ୍ ସରକାର ଏବଂ ଜୁନିଅର୍ ଇଞ୍ଜିନିୟର ଶ୍ରୀ ପି. କେ. ପରିଡାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଏସ ଏସ ଏମ ବିଭାଗର ଜି ଏମ ଇନ ଚାର୍ଜ ଏବଂ ବିଭାଗ ମୁଖ୍ୟ ଶ୍ରୀ ସି. ଆର. ମିଶ୍ର, ଏସ ଏସ ଏମ ମେକାନିକାଲ ବିଭାଗର ଜି ଏମ ଶ୍ରୀ ଡି ବାନାର୍ଜୀ, ଏସ ଏସ ଏମ ଇଲେକ୍ଟ୍ରିକାଲ ବିଭାଗର ଜି ଏମ ଶ୍ରୀ ଏମ. ପି. ରାଜାରାଓ ଏବଂ ଅପରେସନ ବିଭାଗର ଜି ଏମ ଶ୍ରୀ ବି ଦାସଙ୍କ ସହିତ ଉକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଶ୍ରୀ ସୁବ୍ରତ କୁମାର ନିଜର ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ସୃଜନଶୀଳ ଅବଦାନ ଉଚ୍ଚ ଉତ୍ପାଦକତା, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ସେ ଆହୁରି ମଧ କର୍ମଚାରୀମାନଙ୍କୁ ସୃଜନଶୀଳତା ଓ ନିରନ୍ତର ଉନ୍ନତିର ଏକ ସଂସ୍କୃତି ସୃଷ୍ଟି ପୂର୍ବକ କାରଖାନାର କାର୍ଯ୍ୟଦକ୍ଷତା ଏବଂ ପ୍ରତିଦ୍ୱନ୍ଦିତାମୂଳକ ସ୍ଥାନକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

ଉଲ୍ଲେଖନୀୟ ଯେ, ରିଭର୍ସି ମିଲରେ ଏୟାର ୱାଇପର୍ ବ୍ୟବହାର କରି ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣିବାରେ ଶ୍ରୀ ସ୍ୱାଇଁଙ୍କ ପ୍ରୟାସ ପାଇଁ ଉକ୍ତ ପୁରସ୍କାର ଦିଆଯାଇଥିଲା । ସମୟୋଚିତ ତଥ୍ୟ ସଂଗ୍ରହ ଏବଂ ନିୟମିତ ଅନୁସରଣ ମାଧ୍ୟମରେ ବୈଷୟିକ-ଅର୍ଥନୈତିକ ପରିମାପକତା ଗୁଡିକରେ ଉନ୍ନତି ସାଧନରେ ସୁଶ୍ରୀ ସରକାରଙ୍କ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଥିବା ବେଳେ ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣି ଟି ଏ. ଲାଇନରେ ବିବର୍ତ୍ତନ ହ୍ରାସ କରିବା କାର୍ଯ୍ୟ ପାଇଁ ଶ୍ରୀ ପରିଡାଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଶ୍ରୀ ମିଶ୍ର ତାଙ୍କର ସ୍ୱାଗତ ଭାଷଣରେ ପୁରସ୍କାର ବିଜେତାଙ୍କ ଉତ୍ସର୍ଗ ଏବଂ ଅଭିନବ ମନୋଭାବକୁ ପ୍ରଶଂସା କରିବା ସହିତ ଅନ୍ୟମାନଙ୍କୁ ସେମାନଙ୍କ ଉଦାହରଣ ଅନୁକରଣ କରିବାକୁ ଉତ୍ସାହିତ କରିଥିଲେ ।

# ଭାରତରେ ମାଂସାହାରୀ ଦୁଗ୍ଧ ବିକ୍ରୀ କରିବାକୁ ଚାହୁଁଛି ଆମେରିକା

**ଗୋପାଳ ମହାପାତ୍ର**

ଆମେରିକାର ରାଷ୍ଟ୍ରପତି ଡ଼ୋନାଲଡ଼ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଘୋଷଣା କରି ଅଯଥାରେ ଚାପ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ଋଷରୁ ସେନା ଉପକରଣ ଓ ଅଶୋଧିତ ତୈଳକ୍ରୟ କରୁଥିବା ପାଇଁ ଭାରତ ଉପରେ ଜୋରିମାନା ଲାଗିବ ବୋଲି କହିଛନ୍ତି ଟ୍ରମ୍ପ। ଏସବୁ କରିବା ପଛରେ ଯେଉଁ ସବୁ କାରଣ ରହିଛି ତା ମଧ୍ୟରେ ରହିଛି ଭାରତୀୟ ଦୁଗ୍ଧ ଏବଂ କୃଷି ଉତ୍ପାଦକୁ ହଡ଼ପ କରିବା। ଟ୍ରମ୍ପ ଭାବୁଛନ୍ତି ଯେ ଭାରତ ଉପରେ ଚାପ ସୃଷ୍ଟି କରି ଏସବୁ ଉତ୍ପାଦ ପାଇଁ ଭାରତୀୟ ବଜାରକୁ ଖୋଲିଦେବା। ଭାରତ ଠିକ୍ ଭାବରେ ଜାଣିଛି ଯେ ଆମେରିକାର ଶସ୍ତା ଖାଦ୍ୟ ଶସ୍ୟ, ପଶୁ ଚାରା ଏବଂ ମାଂସାହାରୀ ଜିନିଷ (ଛେନା ଓ ଖୀର) ପାଇଁ ଭାରତୀୟ ବଜାରକୁ ଯଦି ଖୋଲିଦିଆଯିବ ତେବେ ଭାରତୀୟ କୃଷକଙ୍କ ଦୁର୍ଗତି ଅବଶ୍ୟମ୍ଭାବୀ। ଏଥିସହ ଭାରତର ଶାକାହାରୀ ସଂସ୍କୃତି ମଧ୍ୟ ବିଲୋପ ପାଇଯିବ। ଏଥି ସହ ଭାରତ ସରକାର ଯେଉଁ ପ୍ରାଥମିକ କୃଷି ସହକାରୀ ସମିତି (ପେକ୍ସ) ମାନଙ୍କୁ ପ୍ରୋତ୍ସାହିତ କରି କୃଷି ଏବଂ ଦୁଗ୍ଧ ଉତ୍ପାଦକୁ ବିଶ୍ୱ ବଜାରକୁ ନେବା ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରୁଛନ୍ତି ସେ କଥା ମଧ୍ୟ କଥାରେ ରହିଯିବ।

ଏଣୁ ଭାରତ ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏସବୁ କ୍ଷେତ୍ରରେ ବାହାରର ହସ୍ତକ୍ଷେପକୁ ସ୍ୱୀକାର କରାଯାଇ ପାରିବ ନାହିଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଏକତରଫା ଗ୍ଲୋବାଲାଇଜେସନରେ ଦୁନିଆର କିଛି ଭଲ ହେବ ନାହିଁ। ଏଣୁ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱଦେଇ ଆତ୍ମନିର୍ଭର ରହିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଭାରତ ଏବେ ଦୁଗ୍ଧ ଉତ୍ପାଦ ଆତ୍ମନିର୍ଭର ହେବା ଦିଗରେ ଆଗେଇ ଚାଲିଛି। ଭାରତରେ ଗାଇକୁ ମାତା ବୋଲି କୁହାଯାଏ। ଭାରତୀୟ ଋଷିମୂନୀ ମାନେ କହିଯାଇଛନ୍ତି ଯେ ଗାଇର ଦୁଗ୍ଧରେ ଏମିତି ପୋଷକ ତତ୍ୱ ରହିଛି ଯାହା ଶରୀର ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଦୁଗ୍ଧରୁ ଦହି, ଲହୁଣୀ, ଛେନା ଭଳି ଅନେକ ପ୍ରକାରର ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ। ଦୁଗ୍ଧ ଉତ୍ପାଦ ମିଠା ଦୋକାନଠାରୁ ଡାଏରୀ ଉଦ୍ୟୋଗ ମାଧ୍ୟମରେ କୋଟି କୋଟି ଲୋକଙ୍କର ରୋଜଗାରର ମାଧ୍ୟମ ପାଲଟିଥାଏ। ପ୍ରାକ୍ କାଳରୁ ଅଦ୍ୟାବଧି ଗାଇ ଜନ୍ମ ଦେଉଥିବା ବାଛୁରୀ (ବଳଦ) ଉପରେ ହିଁ ଭାରତୀୟ କୃଷି ଓ କୃଷକ ନିର୍ଭରଶୀଳ। ଦେଶର ଜିଡିପିରେ କୃଷିର ଭାଗିଦାରୀ ମଧ୍ୟ ୨୪ ପ୍ରତିଶତ ଅଟେ। ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ପିଇବା ପ୍ରସଙ୍ଗରେ ସାରା ବିଶ୍ୱରେ ଭାରତ ମଧ୍ୟ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱର ଅନ୍ୟ ଦେଶର ଲୋକଙ୍କ ଅପେକ୍ଷା ଭାରତର ଲୋକେ ଅଧିକ ପରିମାଣ ଦୁଗ୍ଧ ପାନ କରିଥାନ୍ତି। ଏଣୁ ଏହି ଦୁଗ୍ଧ ବଜାରକୁ ଆମେରିକା କବ୍‌ଜା କରିବାକୁ ଚାହୁଁଛି ଏବଂ ଆମେରିକାରେ ଉତ୍ପାଦିତ ମାଂସାହାରୀ ଦୁଗ୍ଧ ଉତ୍ପାଦ ଏବଂ ପଶୁ ଚାରା ଭାରତରେ ବିକ୍ରୀ କରିବାକୁ ଚାହୁଁଛି।

ୟୁରୋପୀୟ ଦେଶ ମାନଙ୍କର ନଜର ମଧ୍ୟ ଏହି ଦୁଗ୍ଧ ବ୍ୟବସାୟ ଉପରେ ରହିଛି। ମାଂସାହାରୀ ଦୁଗ୍ଧ ଓ ପଶୁଚାରା ପ୍ରସଙ୍ଗରେ ଆମେରିକା ଓ ଭାରତ ମଧ୍ୟରେ ବ୍ୟବସାୟିକ ବୁଝାବଣା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ମଧ୍ୟ ଚାଲିଛି। କିନ୍ତୁ ଭାରତ ସରକାର ଆମେରିକା ସହ ଏହି ବ୍ୟବସାୟିକ ବୁଝାବଣା ପାଇଁ ପ୍ରସ୍ତୁତ ନୁହଁନ୍ତି। ଆମେରିକା ମାଂସଯୁକ୍ତ ଛେନା (ପନିର) ଓ ଅନ୍ୟାନ୍ୟ ପଦାର୍ଥ ଭାରତରେ ବିକ୍ରୀ କରିବାକୁ ଇଚ୍ଛୁକ। ଏଭଳି ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ପ୍ରସ୍ତୁତି ପାଇଁ ବାଛୁରୀର ଓ ଅନ୍ୟ ପଶୁମାନଙ୍କର ଅନ୍ତନାଳୀରୁ ପ୍ରସ୍ତୁତ ଏକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏଣୁ ଭାରତର ଶାକାହାରୀ ଲୋକେ ଏହାକୁ ପସନ୍ଦ କରିବେ ନାହିଁ ନିଶ୍ଚୟ। ଏପରିକି ଗାଇକୁ ମା ବୋଲି ଗ୍ରହଣ କରୁଥିବା ଲୋକେ (ଭାରତୀୟ ସମାଜ) ଏହାକୁ ଗ୍ରହଣ କରିବ କେମିତି ? ଆମେରିକାରେ ଗାଇକୁ ମାଂସଯୁକ୍ତ ଚାରା ଖାଇବାକୁ ଦିଆଯାଇଥାଏ ଯେଉଁଥିପାଇଁ ସେମାନେ ଅଧିକ ଦୁଗ୍ଧ ଦେଇଥାନ୍ତି। କିନ୍ତୁ ଭାରତରେ ଏଭଳି କରାଯାଏ ନାହିଁ। ଏହି କାରଣରୁ ଭାରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ବିକ୍ରୀ ପାଇଁ ଆମେରିକା ସହ ଚୁକ୍ତି କରି ପାରୁ ନାହାଁନ୍ତି। ଆମଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୯୬ ହଜାରରୁ ଅଧିକ ସମବାୟ ସଂସ୍ଥା ଜଡିତ। ଦେଶର ୧୪ ରାଜ୍ୟରେ ରାଜ୍ୟ ସରକାରଙ୍କର ନିଜସ୍ୱ ଦୁଗ୍ଧ ସମବାୟ ସମିତି ରହିଛି। ଦେଶରେ ସମୁଦାୟ କୃଷି ଖାଦ୍ୟ ଉତ୍ପାଦ ଓ ଦୁଗ୍ଧ ସହ ଜଡିତ ପ୍ରସଂସ୍କରଣ ସୁବିଧା ମାତ୍ର ୨ ପ୍ରତିଶତ କିନ୍ତୁ ଦୁଗ୍ଧର ଅଧିକ ପ୍ରସଂସ୍କରଣ/ ଶୀତଳୀ କରଣ କରାଯାଇ ଦହି, ଛେନା, ଘିଅ, ଲହୁଣୀ ଆଦି ପ୍ରସ୍ତୁତ କରାଯାଇଥାଏ। ସବୁଠାରୁ ମୁଖ୍ୟ ହେଉଛି ଏହି ଉତ୍ପାଦର ପ୍ରସ୍ତୁତି, ବିକ୍ରୀ କରି ୮କୋଟିରୁ ଅଧିକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ପାଖାପାଖି ଦେଢ଼କୋଟି ଲୋକ ଦୁଗ୍ଧ ସମବାୟ ସମିତି ଓ ପ୍ରସଂସ୍କରଣ ସଂସ୍ଥା ସହ ଜଡିତ। ଗ୍ରାମାଞ୍ଚଳରେ ମଧ୍ୟ ଦୁଗ୍ଧ ଉତ୍ପାଦନ ଗୁଜୁରାଣ ମେଣ୍ଟାଇବାର ଏକ ମାଧ୍ୟମ ଅଟେ। ଗ୍ରାମାଞ୍ଚଳରେ ଉତ୍ପାଦିତ ଦୁଗ୍ଧ ମଧ୍ୟ ସହରକୁ ଆସିଥାଏ। ଭାରତ ସରକାର ଏବେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ବିଶ୍ଲେଷଣ ଅନୁସାରେ ଯଦି ।ରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ବ୍ୟବସାୟ ପାଇଁ ବୁଝାବଣା କରିବେ ତେବେ ଭାରତୀୟ ଦୁଗ୍ଧ ଉତ୍ପାଦନକାରୀ ବର୍ତ୍ତମାନର ମୂଲ୍ୟଠାରୁ ୧୫ ପ୍ରତିଶତ କମ୍ ମୂଲ୍ୟରେ ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବିକ୍ରି କରିବାକୁ ବାଧ ହେବେ ଓ ଏହାଦ୍ୱାରା ଦୁଗ୍ଧ ଉତ୍ପାଦକ ମାନଙ୍କୁ ବାର୍ଷିକ ୧.୦୩ ଲକ୍ଷ କୋଟି କ୍ଷତି ସହିବାକୁ ପଡିବ।

+ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ସ୍ୱାଧୀନତାର ମାଧୁର୍ଯ୍ୟ

**ଉମେଶ ଚନ୍ଦ୍ର ପାତ୍ର**

ଆଗକୁ ଆସୁଛି ସ୍ୱାଧୀନତା ଦିବସ। ପ୍ରତିଟି ଭାରତୀୟଙ୍କ ପାଇଁ ମୁକ୍ତି ଓ ମହାର୍ଘ୍ୟର ଦିନଟିଏ । ତେବେ ସ୍ୱାଧୀନତାର ଅର୍ଥ ନୁହେଁ, ଉପନିବେଶବାଦ ଶାସନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ହେବାର ଏକ ଜାତୀୟ ପୁଲକ; ବରଂ ବ୍ୟକ୍ତି ଓ ସାମଗ୍ରିକ ବିକାଶର ଏହା ଅନ୍ୟତମ ବିଭବ ହେବା କଥା । ଯାହା ୭୮ ବର୍ଷ ପରେ ମଧ୍ୟ ଆମେ ସେହି ପ୍ରଗତି, ବିକାଶର ଦିଗ୍‌ବଳୟ ଛୁଇଁବାକୁ ସକ୍ଷମ ହୋଇପାରିନେ । ଏଥିପାଇଁ କେବଳ ଶାସନ, ପ୍ରଶାସନ କିମ୍ବା ରାଜନେତାଙ୍କୁ ଦୋଷ ଦେଲେ ଆମେ ଭୁଲ କରିବା । ଅନ୍ୟ କାନ୍ଧରେ ସବୁ ଦାୟିତ୍ୱ ଥୋଇଦେଇ ସହଜ ସମାଲୋଚନା କରିବା ସବୁବେଳେ ଠିକ୍ ନୁହେଁ । ଅତୀତରେ ଅତ୍ୟାଚାରୀ ରାଜା, ମହାରାଜା ଓ ପରେ ବ୍ରିଟିଶର ନିଷ୍ଠୁର ଶାସନରୁ ମୁକ୍ତ ହୋଇ ଆମକୁ ମିଳିଲା ସ୍ୱାଧୀନତା । ଗଣତନ୍ତ୍ର ଓ ସମାଜବାଦର ଶାସନ ପ୍ରତିଷ୍ଠା ହେଲା । ଆମେ ଜନପ୍ରତିନିଧି ବାଛିଲେ । ସେମାନେ ସରକାର ଗଢ଼ିଲେ । କିନ୍ତୁ ସରକାର ଜନତାଙ୍କ ଉତ୍ତରଦାୟିତ୍ୱରୁ ଦୂରେଇ ଗଲା । କାହିଁକି ଏଭଳି ହେଲା ? କିଏ ଏଥିପାଇଁ ଦାୟୀ ତାହା ଆମେ କେବେ ଅନୁଶୀଳନ କରିଛେ କି ? ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ - ଓ ବାବାଃ, ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ସ୍ୱ ମାନେ ସେହି ଏକ ଓ ଅଦ୍ୱିତୀୟ ପରମ ସତ୍ତା ଯାହା ବହୁଧା ପ୍ରକଟ ହୋଇଅଛନ୍ତି ବିଶ୍ୱମୟ। ପରମସତ୍ତା ଓ ତନ୍ନିଃସୃତ ଯାବତୀୟ ସତ୍ତାର ଧାରଣ - ପୋଷଣରେ ଯେତେବେଳେ ଆମ୍ଭେମାନେ ରତ ରହୁ, ସେତେବେଳେ ହିଁ ଆମ୍ଭେମାନେ ସ୍ୱାଧୀନ। ସ୍ୱାଧୀନ ମାନେ - ନିଖିଳ-ପ୍ରିୟ ଯିଏ ତାଙ୍କ ଆଳୟରେ ପାରସ୍ପରିକ ପ୍ରୀତି ବିଧୃତ ଅବସ୍ଥାନ। ସେ ହିଁ ସ୍ୱାଧୀନ ଯିଏ ପ୍ରବୃତ୍ତି, ରିପୁ ବା ଅନ୍ୟ କାହାର ଦାସ ନୁହେଁ, ଯିଏ ଈଶ୍ୱରଙ୍କର ପ୍ରୀତି ଦାୟରେ ସ୍ୱେଚ୍ଛାରେ ସମସ୍ତଙ୍କର ସେବା-ସମ୍ପୋଷଣାର ସକ୍ରିୟ ଦାୟ-ଦାୟିତ୍ୱରେ ନିଜକୁ ଆବଦ୍ଧ ରଖେ।

ଏହି ସ୍ୱାଧୀନତାର ସ୍ୱାଦ ଯିଏ ପାଇଛି ସେ ଜଗତର ସମସ୍ତଙ୍କୁ ତାହା ନ ବାଣ୍ଟି ରହିପାରେନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ ଚିତ୍ତରେ ପ୍ରକାଶ କଲେ - ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଜାଗତିକ ସର୍ବବିଧ ମୁକ୍ତି ଓ ଐଶର୍ଯ୍ୟକୁ ବାଦ ଦେଇ ନୁହେଁ, ପୁଣି ଜାଗତିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ସ୍ଥାୟୀ, ସାର୍ଥକ ଓ କ୍ରମୋର୍ଦ୍ଧ୍ୱଗତିସମ୍ପନ୍ନ ହୁଏନାହିଁ। ପ୍ରବୃତ୍ତିଲିପ୍‌ସାର ଚକ୍ରରେ ପଡ଼ି ଦିନକୁ ଦିନ ଅଧୋଗତିକୁ ଆମନ୍ତ୍ରଣ କରେ। ପୁନର୍ବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜ୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ - ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ - ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ - ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁନର୍ବାର ପ୍ରକାଶ କଲେ - ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତ୍ତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କର ପାଳକ ଓ ପୋଷକ ହୋଇଉଠନ୍ତି ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ, ଅସତ୍‌ନିରୋଧୀ ଶାସକ ପାରସ୍ପରିକ ଭାବରେ ହୋଇଉଠନ୍ତି, ସେତେବେଳେ ପ୍ରତ୍ୟେକଙ୍କର ସତ୍ତା ବୃଦ୍ଧି ପଥରେ ଉଦାତ୍ତ ହୋଇ ଆଗେଇ ଚାଲେ। ଏହି ପରିସ୍ଥିତିରେ ସ୍ୱାଧୀନତା ସ୍ୱତଃ ହୋଇଉଠେ। ଜନସାଧାରଣଙ୍କର ଏହି ଚରିତ୍ର ଓ ପ୍ରବଣତା ହିଁ ସ୍ୱାଧୀନତାର ସୁବର୍ଣ୍ଣ ସ୍ତମ୍ଭ। ଏହି ପ୍ରସଙ୍ଗରେ ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ - କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

+ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ତର୍କ ଓ ମୀମାଂସା

**ଅଜୟ କୁମାର ବେହେରା**

ଏଥି ଦୁଇଟି ଶବ୍ଦରୁ ତିନିଜଣ ବା ତିନି ଥାକିଆ ସ୍ତରର ବ୍ୟକ୍ତିଗଣ ବା ପର୍ଯ୍ୟାୟ ଉଥାପକ ପରିଚାଳକ ନିଶ୍ଚେଜଡ଼ିତ। ଦୁଇ ଗୋଷ୍ଠୀ ବା ଦୁଇ ବ୍ୟକ୍ତି ବା ଦୁଇ ଚରିତ୍ର ନହେଲେ ତର୍କ ହୋଇନପାରେ। ଆଉ ଦୁଇ ତର୍କ ମଧ୍ୟରେ କାହାର ଭୁଲ କାହାର ଠିକ ଏହା ଶାସ୍ତ୍ରଜ୍ଞାନ ଉପସ୍ଥିତି ବୁଦ୍ଧି ଓ ଅଭିଜ୍ଞତାରୁ ମୀମାଂସା ଦେବାକୁ ହୁଏ। ତର୍କର ମୂଳଭିତ୍ତି ହେଉଛି 'ରଙ୍ଗ ଆଣ୍ଡ ରାଇଟ'। ଏହା ସଂକ୍ଷିପ୍ତ 'ଓ୍ୱାର' ଯାହା ତର୍କବାଦୀ। ଏଥିରେ କୌଣସି ପକ୍ଷ କେବେ ନିଜ ଭୁଲଥିବା ସ୍ୱୀକାର କରନ୍ତି ନାହିଁ। ଘଟଣା ନିଶ୍ଚେ ଘଟିଛି, ଏକଥା ସତ୍ୟ ହେଲେ ଘଟଣାଟି କ'ଣ ? ଏଥିର ବି ଦୁଇଟି ସ୍ତର ଅଛି, ଘଟଣାରେ ଆଇନର ସତ୍ୟଦିଗ କ'ଣ ଓ ଅଭିଯୋଗ କ'ଣ ? ଏଇଥିରେ ନ୍ୟାୟ ଦିଗ ଖୋଜା ଯାଇ ମୀମାଂସା କରାଯାଏ।

ମୀମାଂସାରେ ଜଣେ ଖୁସି ହୁଏ ଆଉଜଣେ ଦୁଃଖିତ ଅପମାନିତ ମନେକରେ। ଏପରିକି ବିଦ୍ରୋହାତ୍ମକ ଚିନ୍ତାରେ ଆସି ଏକ ଭିନ୍ନ ଅପରାଧ ରଚାଇ ପାରନ୍ତି ଏସବୁ ପାଇଁ ରାଜଦଣ୍ଡ ନୀତିର ଭୟକୁ ଜାହିର କରାଯାଏ। ଏପରି ଗୁରୁତର ଅପରାଧିକୁ ଜେଲ ଜୋରିମାନା ଏପରିକି ଉମରକୈଦ ବା ପ୍ରାଣଦଣ୍ଡ ବିଧାନର ନଜିର ରହିଛି। ସଂସାର ହୋଇଛି ବାଘ ସିଂହ ପରି ମାଂସାଶି ପ୍ରାଣୀ ରହିବେ। ହରିଣ, କୁତ୍ରା, ଛାଗ, ମେଷ, ଠେକୁଆ ପରି ତୃଣଭୋଜୀ ପ୍ରାଣୀ ରହିବେ। ଜଙ୍ଗଲରେ ଏକ ଜଳାଶୟ ଏଥିରୁ ସମସ୍ତେ ତୃଷ୍ଣା ଲାଗିଲେ ଜଳପାନ କରିବେ, ପରସ୍ପର ଫନ୍ଦି କରି ଜୀବନ ସଂଘର୍ଷରେ ବଞ୍ଚିବେ ମାତ୍ର ଏସବୁ ମଧ୍ୟରେ ଖାଦ୍ୟ ଖାଦକ ସ୍ତର ରହିଛି। ପ୍ରାଣାନ୍ତକ ବା ପ୍ରାଣହାରିବା ବେଳର ଚିତ୍କାର ତୃଣଭୋଜୀ ମାନେ ଶିକାର ହେଲାବେଳେ କରିଥାନ୍ତି। ଏପରି ମନୁଷ୍ୟ ବୀରତ୍ୱ ଦେଖାଇ ବାଘ ସିଂହ ପରି ହିଂସ୍ର ଜନ୍ତୁକୁ ତୀର ଗୁଳିଗୋଳାରେ ହତ୍ୟା ବେଳେ ସଂପୃକ୍ତ ଜନ୍ତୁଟିର ଆର୍ତ୍ତନାଦ ଶୁଣାଯାଏ। ଏହି ଆର୍ତ୍ତ ଜୀବଟିର ଆର୍ତ୍ତନାଦ କିନ୍ତୁ କେହି ଶୁଣି ତତ୍କାଳ ପ୍ରତିବାଦ ପ୍ରତିକାର କରନ୍ତି ନାହିଁ।

ମନୁଷ୍ୟ ବି ଏହି ବାଘ ସିଂହ ଗୁଣ ବିଶିଷ୍ଟ। ମାଛ, ମାଂସ ପ୍ରତି ଏତେ ଲାଳସା ପୂର୍ଣ୍ଣ ଲୋଲୁପ ଦୃଷ୍ଟି ନିରୀହ ଜୀବ ପ୍ରତି କଠୋର ମନୋବୃତ୍ତି ଯହିଁରେ ତାର ଅଙ୍ଗକୁ ଟୁକୁରା ଟୁକୁରା ରକ୍ତ ଜଡୁବୁଡୁରେ ଜୀବନ ଛଟପଟ ଦୟାର୍ଦ୍ର ବିବେକୀ ନ ହୋଇ ତାକୁ ଅମୋଦୀ ଭୋଜନର ଅଂଶ କରୁଛନ୍ତି। ତଫାତ ବାଘ ସିଂହ ବିଲୁଆ କୁକୁର ଶାଗୁଣା କୁଆ କଞ୍ଚା ମାଂସ ଖାଆନ୍ତି ମନୁଷ୍ୟ ତାକୁ ସିଦ୍ଧିକରି ପୋଡ଼ିକରି, ତୈଳପାକ କରି ମସଲାଦି ମିଶାଇ ଭୋଜନ କରୁଛି। ନିରୀହ ପଶୁପକ୍ଷୀ ଯେପରି ଅପରାଧ କରି ଜନ୍ମ ହୋଇଛନ୍ତି କେବଳ ଅପମୃତ୍ୟୁ ଭୋଗିବା ପାଇଁ। ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିରେ ଏପରି ଭ୍ରମକୁ ପଶୁପତି ଶଙ୍କରଙ୍କର ପଶୁରକ୍ଷା ପାଇଁ ତ୍ରିଶୂଳ ଧାରଣ ପ୍ରକୃତରେ ଯେ କଣ କାମ କରୁଛି ଏହା ଭାବିବା କଥା, ଭଗବାନ ବିଷ୍ଣୁ ସେ ପାଳନକର୍ତ୍ତା ପୋଷଣକର୍ତ୍ତା ସେ ନାନାଦି ଶସ୍ୟ, ଫଳ, ମୂଳ ଶାଗପତ୍ର, ଚେରମୂଳୀ ସୃଷ୍ଟି ଦ୍ରବ୍ୟକୁ ମନୁଷ୍ୟ ପାଇଁ ଭେଜ୍ୟ ଦ୍ରବ୍ୟ କରି ଏହାକୁ ଶାସ୍ତ୍ରଜ୍ଞାନରେ ଏସବୁ ବଂଶ ବୃଦ୍ଧି କରାଇ ନିଜର ବଂଶବୃଦ୍ଧି ସହିତ ଆଗେଇ ନେଇ ନେଇ ଚାଲିଲେ ଭେଜ୍ୟ ଦ୍ରବ୍ୟ ମାନରେ ଅଭାବ ରହିବ ନାହିଁ। ହେଲେ ମନୁଷ୍ୟ କ'ଣ କରୁଛନ୍ତି ? କ'ଣ ଭାବୁଛନ୍ତି ? ଜଙ୍ଗଲରେ ବି ନିଷ୍କଣ୍ଟକ ଶିକାର ପାଇଁ ହିଂସ୍ର ବାଘ ସିଂହଙ୍କୁ ଶେଷ କରି କରି ମନୁଷ୍ୟ ଚାଲିଛି। ଯାନବାହାନ ବଡ଼ ବଡ଼ ଯନ୍ତ୍ର ବାହାରିବା ପରେ ହାତର ଆଉ ଆବଶ୍ୟକ ପଡୁନାହିଁ। ହାତିଧରା ଖଦା ଲୋକ କଥାରେ ଅଛି ଇତିହାସରେ ଅଛି ଯୁଦ୍ଧରେ ଗଜବାହିନୀ କଥା ଅଛି ମାତ୍ର ଏବେ ହାତିଙ୍କ ପାଇଁ ଜଙ୍ଗଲରେ ବୃକ୍ଷ ନାହିଁ ଯେ ସେମାନେ ଭୋଜନ କରିବେ, ଜଳାଧାର ପୁଷ୍କରିଣୀ ଜଙ୍ଗଲରେ ପୋତା ପୋତି ନହେଲେ କଳକାରଖାନା ପାଇଁ ଜଙ୍ଗଲ ଜମି ଆଉ ହାତି ମରିବା ସର୍ବଦା ଖବର ପଢ଼ିବାକୁ ଶୁଣିବାକୁ ମିଳୁଛି।

ପୂର୍ବେ ଧାନ ବିଲରେ ବର୍ଷା ଋତୁରେ କେତେ ରକମର ଚୁନାମାଛ କରାଣ୍ଡୀ, ଦଣ୍ଡକିରି, ମହୁରାଳୀ, ବୋତଖାଡ଼ି, ବାଲିଘୁଙ୍ଗୁରି, କଉ, ଗଡ଼ିଶା, ତୋଡ଼ି, ଘଷିପଟା, ଚିଙ୍ଗୁଡ଼ି, କାହୁଁ ଜନ୍ମ ହୋଇ କ୍ଷେତ୍ରର ହିଡ଼ ବାଡ଼ ମଧ୍ୟରେ ଦୁଇ ତିନି ମାସ ବଂଶ ବିସ୍ତାର କରିବା ବେଳେ ମନୁଷ୍ୟର ଆହାରରେ କଞ୍ଚା ପିତା ଶୁଖୁଆରେ ଆସୁଥିଲେ। ଏମିତି ବେଳ ହେଲା ଧାନକ୍ଷେତ୍ରରେ ପୋକମରା ବିଷ ପ୍ରୟୋଗ ବହୁଳ ଭାବରେ ହେଲା ଏସବୁ ବିଲୁପ୍ତ। ବଡ଼ ବଡ଼ ରାସ୍ତା ତିଆରି ହେଲା ବହୁ ମାନବ ଆବସ କଳକାରଖାନା ବ୍ୟାପକ ଭାବରେ ବସିଲା, ଏପାଇଁ ତୋଟା ଜଙ୍ଗଲ ବହୁ ବଡ଼ ବଡ଼ ଗଛ ମାନ ବାରମ୍ବାର କଟା ଚାଲିଛି। ବୃକ୍ଷ ରୋପଣ ଖାତା କଲମର ହେବା ଶୁଣା ଯାଉଛି କାହିଁ ବୃକ୍ଷରାଜୀ। ଲୋକ ପର୍ଯ୍ୟାୟ କ୍ରମରେ ଜାଳେଣୀ ପାଇଁ ଗଛ ଲଗାଇ ଗଛ ହାଣୁଥିଲେ ରନ୍ଧନ ଗ୍ୟାସ ସହଜରେ ମିଳିବାରୁ ଏ ଦିଗରେ କେହି ମନ ଦେଉନାହାଁନ୍ତି। କାଳକ୍ରମେ କାଠ ନାହିଁ କି କରତକଳ ନାହିଁ, କମାର ଘରେ କୁରାଢ଼ି ଟାଙ୍ଗିଆ ତିଆରି କରାଯାଉନାହିଁ। ଏସବୁ ଅନ୍ୟାୟ ଘଟଣା କି ନ୍ୟାୟ ଘଟଣା କେହି ବୁଝିବାରେ ନାହିଁ ଏ ପାଇଁ ତର୍କ ନାହିଁକି ମୀମାଂସା ନାହିଁ। ଜନସ୍ୱାର୍ଥ ମାମଲା କରୁଛି କିଏ ? ସବୁ ଯେପରି ପ୍ରଳୟ ଦିଗକୁ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିଛି। ପ୍ରକୃତି ବିଚିତ୍ର କେଉଁଠି ଜଳବାୟୁ କିପରି କେଉଁ ପ୍ରବଳ ଉଚ୍ଚସ୍ଥାନ କେଉଁ ନୀଚରୁ ଆହୁରି ନୀଚ ସ୍ଥାନ କେଉଁଠି ନଦୀ, କେଉଁଠି ମରୁଭୂମି ପର୍ବତମାଳା କେଉଁ ଜଳବନ୍ଦୀ କେଉଁଠି ବାଲୁକା ବନ୍ଦୀ, ଏ ମଧ୍ୟରେ ସର୍ବତ୍ର ଜୀବଜନ୍ତୁ ମନୁଷ୍ୟ ବସ କଲେ ଏକପ୍ରକାର ଭାବନା ନାହିଁ ଏକ ପ୍ରକାର ଖାଦ୍ୟ ନାହିଁ। ଏଥିରେ ଏହି ଏହି ଅଞ୍ଚଳରେ ମାନବ ବଞ୍ଚିବା ପାଇଁ ଖାଦ୍ୟ ପାନୀୟ ବାସଗୃହରେ ବସତି ସହିତ ତତ ସ୍ଥାନରେ ଅଭାବ ଓ ଭାବ ପାଇଁ ଅନ୍ୟ ଅଞ୍ଚଳର ସମ୍ପର୍କରେ ଆସୁଛନ୍ତି। ଏ ପାଇଁ ଅଭାବ ପାଇଁ ଆମଦାନୀ, ଭାବ ପାଇଁ ରପ୍ତାନୀ ହେଉଛି। ଏଥିରୁ ସୁଖିଲାରେ ପୁଅ ଖେଳାଉଛନ୍ତି ବଣିକ ଦଲାଲ ଓ ତତସ୍ଥାନ ସରକାରମାନେ। ପଣ୍ୟକର ଆଦି ବହୁ ପ୍ରକାର କରରେ ରାଜକୋଷକୁ ଧନ ଆଣିବା ତତ ସ୍ଥାନ ସରକାର ମାନଙ୍କର କାର୍ଯ୍ୟ। ଏଇଥିରେ ଜଳ ପାଇଁ ସ୍ଥଳ ପାଇଁ ଆକାଶ ପାଇଁ ଖାଦ୍ୟ ଦ୍ରବ୍ୟ ପାଇଁ ବ୍ୟବହାର ଦ୍ରବ୍ୟ ପାଇଁ ଓ ରାଜକର ପ୍ରଜାଙ୍କ ଠାରୁ ଅଧିକ ପ୍ରାପ୍ତି ପାଇଁ ଦେଶ ଦେଶ ମଧ୍ୟରେ ମନ ମାଳିନ୍ୟ ଯୁଦ୍ଧ ଦାନା ବାନ୍ଧୁଛି। ଯୌବନ ବେଳେ ଯୌନ ସାଥି ଦରକାର ପୁରୁଷଙ୍କର ଦୁର୍ଦ୍ଦାନ୍ତ ଯୁବକ ଯୌନଚର୍ଯ୍ୟା ପାଇଁ ସୁନ୍ଦରୀ ନାରୀ ମାନଙ୍କ ପାଇଁ ବି ସୀମାପାର ରକ୍ତପାତ ଭୟ ଦେଖାଇ କାଣ୍ଡ ଘଟାଉଛନ୍ତି। ପ୍ରତ୍ୟେକ ଦେଶରେ ବିଚାରାଳୟ ଅଛି। ସେହି ଦେଶର ଘଟଣାର ସିନା ସେମାନେ ନ୍ୟାୟ ଦେଉଛନ୍ତି ମାତ୍ର ସେ ଦେଶର ଲୋକେ ଅନ୍ୟତ୍ର ଅଘଟଣ ଘଟାଇ ସେ ଦେଶର ସ୍ୱାଧୀନତାରେ ହସ୍ତକ୍ଷେପ କରି ପ୍ରବଳ ଅଶାନ୍ତି ସୃଷ୍ଟି କରୁଛନ୍ତି ଏ ପାଇଁ ପ୍ରତ୍ୟେକ ଦେଶର ବିଚାରାଳୟ କିଛି ନ୍ୟାୟ ଏମିତି ରଖି ଦେଶର ଲୋକ ଅନ୍ୟତ୍ର ହିଂସା ରଚାଉଛନ୍ତି ତା ପାଇଁ ଖୋଜି ଖୋଜି ସେ ଅପରାଧିଙ୍କୁ ଦଣ୍ଡିତ କରୁନାହାଁନ୍ତି। ଦେଶର ସରକାର ଅପରାଧିଙ୍କୁ ଏମିତି ପ୍ରଶୟ ଦେଇ ଦେଶକୁ ଯୁଦ୍ଧ ପଥକୁ ଭିଡ଼ି ଧ୍ୱଂସପଥକୁ ନେଉଛନ୍ତି।

ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩

# ଈଶ୍ୱରଙ୍କ ସହ ବାର୍ତ୍ତାଳାପ

**ସୁରେଶ କୁମାର ନାୟକ**

ପ୍ରାର୍ଥନା ମନୁଷ୍ୟ ଜାତି ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ। କୁହାଯାଏ ପ୍ରାର୍ଥନା କରିବା ହେଉଛି ଭଗବାନଙ୍କ ସମ୍ମୁଖରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇ ନିଜ ହୃଦୟର ବାର୍ତ୍ତାକୁ ତାଙ୍କ ପାଖରେ ପହଞ୍ଚାଇବା। ପ୍ରାର୍ଥନାର ସଂଜ୍ଞାକୁ ବ୍ୟାଖ୍ୟା କରିବା ଅସମ୍ଭବ। ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ କହିବା ଅନୁସାରେ 'ପ୍ରାର୍ଥନା ହେଉଛି ପ୍ରେମର ଭାଷା। ଏହି ଶବ୍ଦର ଅନେକ ଅର୍ଥ ରହିଛି। ପ୍ରାର୍ଥନା ହେଉଛି ଭଗବାନଙ୍କ ସହ ବାର୍ତ୍ତାଳାପ କରିବା ସଦୃଶ। ଈଶ୍ୱରଙ୍କ ଅସ୍ତିତ୍ୱ ସବୁଠାରେ ବିଦ୍ୟମାନ। ଏହାକୁ ଗ୍ରହଣ କରିବା ଏବଂ ପ୍ରାର୍ଥନା କରିବା ସମୟରେ ସଚ୍ଚୋଟ ହୃଦୟ ହେବା ନିତ୍ୟାନ୍ତ ଆବଶ୍ୟକ। ପ୍ରାର୍ଥନା କରିବା ସମୟରେ ପ୍ରେମଭାବ ଏବଂ ଆଦର ସହକାରେ ମସ୍ତିଷ୍କକୁ ନୁଆଁଇ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବା ଦ୍ୱାରା ପ୍ରାର୍ଥନା ସାର୍ଥକ ହୋଇନଥାଏ। ତେଣୁ ନିଜର ହୃଦୟ କଥା କହିବା ସହିତ ଈଶ୍ୱରୀୟ ବାର୍ତ୍ତାକୁ ମଧ୍ୟ ଧୈର୍ଯ୍ୟ ସହକାରେ ଶୁଣିବା ଉଚିତ୍।'

ପ୍ରାର୍ଥନା କରିବା ସମୟରେ ଆମ୍ଭେମାନେ ଦୁଇଟି ଶାଖା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ସର୍ବପ୍ରଥମେ ଭଗବାନଙ୍କ ସମ୍ମୁଖରେ ସଚ୍ଚୋଟ ହୃଦୟରେ ନିଜର ବିଚାର, ଆକାଂକ୍ଷା ଏବଂ ମାର୍ଗ ପ୍ରଦର୍ଶନ ବିଷୟରେ ବାର୍ତ୍ତାଳାପ ଆବଶ୍ୟକ। ଦ୍ୱିତୀୟତଃ ନିଜ କଥାକୁ ବ୍ୟକ୍ତ କରିସାରିବା ପରେ ଭଗବାନଙ୍କ ପ୍ରତି ଉତ୍ତରକୁ ଅପେକ୍ଷା କରିବା ଉଚିତ ଏବଂ ଭଗବାନଙ୍କ ଅସ୍ତିତ୍ୱକୁ ବୁଝିବା ଉଚିତ। ସେ ଦେଖାଇଥିବା ଉଚିତ୍ ମାର୍ଗ ଏବଂ ଆଜ୍ଞାପ୍ରତି ବିଶେଷ ଧ୍ୟାନ ଦେଇ ନିଜ ଚଲାପଥକୁ ସହଜ ଓ ସୁନ୍ଦର କରିବା ଉଚିତ। ଯାହାଦ୍ୱାରା ପ୍ରାର୍ଥନା ଶେଷ ହେବା ପରେ ନିଜ ମଧ୍ୟରେ ବିଶେଷ ଆନନ୍ଦ, ଶକ୍ତ ଏବଂ ସ୍ଫୁର୍ତ୍ତି ସଂଚାରିତ ହେଉଥିବାର ଆପଣ ନିଶ୍ଚୟ ଅନୁଭବ କରିପାରିବେ। ନିଜର ଅନନ୍ତ ହୃଦୟରେ ଏହି ବିଶ୍ୱାସ ରଖିବା ଉଚିତ୍। ପ୍ରାର୍ଥନା କରିବା ସମୟରେ ଆମର ଭଗବାନଙ୍କ ସହିତ ସିଧା ସମ୍ପର୍କ ହୋଇଥାଏ ଏବଂ ଫଳସ୍ୱରୂପ ଆମ ଭିତରେ ଈଶ୍ୱରୀୟ ଶକ୍ତି ବୃଦ୍ଧି ଘଟିଥାଏ। ଆମେ ମନୁଷ୍ୟ ହୋଇଥିବା କାରଣରୁ ଆମ ମଧ୍ୟରେ ଭଗବାନଙ୍କୁ ଚିହ୍ନିବାର ଶକ୍ତି ରହିଛି। ତେଣୁ ଆମେମାନେ ଏହି ଶକ୍ତିକୁ ସଦୁପଯୋଗ କରିବା ଉଚିତ୍। ଏହାପରେ ମଧ୍ୟ ଯଦି ଆମେ ପଶୁମାନଙ୍କ ଭଳି ଜୀବନ ବିତେଇବା ତେବେ ଏହା ଆମର ଦୁର୍ଭାଗ୍ୟ। କାରଣ ଈଶ୍ୱର ବିଶ୍ୱରୂପୀ ଅଟନ୍ତି। ତେଣୁ ଆମେ ଏହାକୁ ଆଧ୍ୟାତ୍ମିକତା ଦ୍ୱାରା ପୂଜା କରିପାରିବା। ପ୍ରାର୍ଥନା କରିବା ସମୟରେ ଆମେ ନିଜର ମସ୍ତିଷ୍କକୁ ଶାନ୍ତ ରଖିବା ଉଚିତ୍। କେବଳ ଏକ ଈଶ୍ୱରୀୟ ଚିନ୍ତାଧାରାରେ ଲୀନ ହୋଇଯିବା ଦରକାର। ଯେଉଁମାନେ ପ୍ରାର୍ଥନାର ମହତ୍ୱକୁ ବୁଝିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଈଶ୍ୱରଙ୍କ ବାଣୀ ହେଉଛି 'ଶାନ୍ତ ହୋଇଯାଅ' ଏବଂ ମୁଁ ଈଶ୍ୱର ବୋଲି ଗ୍ରହଣ କର। ଏହାପରେ ପରେ ଆପଣ ନିଶ୍ଚିତ ଅନୁଭବ କରିପାରିବେ ଆନନ୍ଦଦାୟକ ପରିବେଶକୁ। ପ୍ରାର୍ଥନା କରିବା ସମୟରେ ସଂସାରମୋହକୁ ତ୍ୟାଗ କରି ଏବଂ ଅତୀତକୁ ଭୁଲିଯାଇ ନିଜର ଭବିଷ୍ୟତ ବିଚାର ମନରେ ଆଣିବା ଦରକାର। ଏହି ସମୟରେ ଏତିକି ଭାବନା ରଖିବା ଉଚିତ୍ - ମୁଁ ଈଶ୍ୱରଙ୍କ ପାଇଁ ବଞ୍ଚିଛି ଏବଂ ବଞ୍ଚିବି ମଧ୍ୟ। ଏହି ଚିନ୍ତାଧାରା ରଖିବା ଦ୍ୱାରା ଆମକୁ ପୂଣ୍ୟପ୍ରାପ୍ତି ହୋଇଥାଏ। ଏସବୁ ଆଖି ଆଗରେ ରଖି ଈଶ୍ୱରଙ୍କ ସହ ଆମର ସମ୍ପର୍କ ଯୋଡ଼ିବା ଦ୍ୱାରା ଅବଶ୍ୟ ଆମର ପ୍ରାର୍ଥନା ପ୍ରେମର ପରିଭାଷା ହୋଇପାରିବ। ପ୍ରାର୍ଥନା କରିବା ଦ୍ୱାରା ମନୁଷ୍ୟ ମୋହ ମାୟା ସଂସାରରୁ ମୁକ୍ତି ପାଇଥାଏ। ଏହାସହିତ ଯେତେବେଳେ ଈଶ୍ୱରୀୟ ଉପସ୍ଥିତିରେ ପୂର୍ଣ୍ଣମାନ ଜ୍ଞାନ ପ୍ରାପ୍ତି ହେବାର ଅନୁଭବ କରୁ ସେତେବେଳେ ଆମର ସମସ୍ତ ଆକାଂକ୍ଷା ଏବଂ ଇଚ୍ଛା ଈଶ୍ୱରଙ୍କ ନାମରେ ପୂରଣ ହୋଇଥାଏ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

# ଶ୍ରୀ ସିଦ୍ଧବଳଦେବଙ୍କ ପାଦପଦ୍ମ ଉଦ୍ଧାର

**ଆଶ୍ରିତ ଅତୀଶ**

ଶ୍ରୀ ତୁଳସୀ କ୍ଷେତ୍ର ନାମରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରସିଦ୍ଧ। ଦ୍ୱାପର ଯୁଗରେ କୁରୁକ୍ଷେତ୍ର ଯୁଦ୍ଧରେ ଶ୍ରୀକୃଷ୍ଣ ଅଗ୍ରଜ ଶ୍ରୀ ବଳରାମ ତହିଁରେ ଯୋଗଦାନ ନକରି ତୀର୍ଥପର୍ଯ୍ୟଟନ ଛଳରେ ଉତ୍କଳ ଭୂମିର ଅଞ୍ଚଳକୁ ଆସି ବହୁ ଦୁଷ୍ଟ ରାକ୍ଷସ ମାନଙ୍କୁ ବିନାଶ କରିଥିଲେ ପୁଣ୍ୟତୋୟା ବୈତରଣୀ ଦକ୍ଷିଣ ଦିଗରେ ଅବସ୍ଥିତ ଲଳିତଗିରିର କନ୍ଦରା ନିବାସୀ ଗୋ, ବ୍ରାହ୍ମଣ ଓ ସାଧୁସନ୍ଥଙ୍କୁ କଷ୍ଟ ପ୍ରଦାନକାରୀ ମହାପ୍ରତାପୀ କନ୍ଦରାସୁରକୁ ମହାପ୍ରଭୁ ଶ୍ରୀବଳରା ବିନାଶ କରି ତାର ପୁତ୍ରୀ 'ତୁଳସୀ'ଙ୍କୁ ବିବାହ କରିଥିଲେ। କଳିଯୁଗେ ତୁଳସୀ ବଣରୁ ପ୍ରଭୁଙ୍କ ଦିବ୍ୟ ମଣିବିଗ୍ରହ ଆବିଷ୍କୃତ ହୋଇ ଭାଇ ଭଉଣୀ ସାଙ୍ଗରେ ତୁଳସୀ କ୍ଷେତ୍ରରେ ପୂଜା ପାଉଛନ୍ତି ଶ୍ରୀବଳଦେବଜୀଉ ନାମରେ। ୧୯୦୬ ମସିହାରେ ବଡ଼ବାବାଜୀ ଶ୍ରୀ ରାଧାରମଣ ଦେବ ଅପ୍ରକଟ ହେବ ସମୟରେ ପ୍ରିୟ ଶିଷ୍ୟ ଶ୍ରୀପାଦ ରାମଦାସ ବାବାଜୀ ମହାଶୟଙ୍କୁ ନିଜ କରତାଳ ପ୍ରଦାନ କରି (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ କରିବାକୁ କହିଲେ ଓ ଜୀବର ଦ୍ୱାରେ ଦ୍ୱାରେ ଯାଇ ତାଙ୍କୁ ହରିନାମ ଶୁଣାଇବ ଅଚିରେ। ତାଙ୍କ ଆଦେଶକୁ ଜୀବନ ସାରା ପାଳନ କରିଥିଲେ ଶ୍ରୀ ରାମଦାସ ବାବାଜୀ ମହାରାଜ ଶ୍ରୀକ୍ଷେତ୍ର ଧାମକୁ ଆସୁଥିଲେ ଓ ଝାଞ୍ଜପିଟା ମଠରେ ରହୁଥିଲେ ସେହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ରାଜା, ଜମିଦାର, ଶିଷ୍ୟ ଓ ଭକ୍ତମାନେ ନିଜ ଗ୍ରାମରେ ଚତୁର୍ଥପ୍ରହର, ଅଷ୍ଟପ୍ରହର ଓ ଚବିଶ ପ୍ରହର କରିବା ପାଇଁ ଶ୍ରୀ ରାମଦାସ ବାବାଜୀଙ୍କୁ ନିମନ୍ତ୍ରଣ କରୁଥିଲେ ଓ ବାବାଜୀ ମହାଶୟ ଯାଉଥିଲେ ତାଙ୍କ ଉପସ୍ଥିତିରେ ସେ ଅଞ୍ଚଳ ଆଧାତ୍ମିକ ବାତାବରଣରେ ପୁରିଉଠୁଥିଲା। କେନ୍ଦ୍ରାପଡ଼ା ଗୋପ ଅଞ୍ଚଳର ଗ୍ରାମବାସୀଥରେ ତାଙ୍କ ଗ୍ରାମକୁ ଆସି ଚବିଶ ପ୍ରହର ନାମ ସଂକୀର୍ତ୍ତନ କରିବାକୁ ଶ୍ରୀ ରାମଦାସ ବାବାଜୀ ମହାଶୟଙ୍କୁ ନିମନ୍ତ୍ରଣ କରିଥିଲେ ୧୯୨୯ ମସିହା ଫେବୃଆରୀ ମାସରେ ବାବାଜୀ ମହାଶୟ ଗୋପ ଅଞ୍ଚଳକୁ ଆସିଥିଲେ ଓ ଚବିଶ ପ୍ରହର ନାମ ସଂକୀର୍ତ୍ତନ ବଡ଼ ଜାକଜମକରେ ହୋଇଥିଲା ନାମ ସହିତ ଅନେକ ଲୋକ ପ୍ରସାଦ ସେବନ କରିଥିଲେ। ଚବିଶ ପ୍ରହର ନାମଯଜ୍ଞ ଶେଷରେ ବିରାଟ ନଗର ସଂକୀର୍ତ୍ତନ ଶୋଭା ଯାତ୍ରା ସହ ନିଜେ ଶ୍ରୀ ରାମଦାସ ବାବାଜୀ ମହାଶୟ ଗୋପଗ୍ରାମକୁ ପରିକ୍ରମା କରିବାକୁ ବାହାରିଲେ ସମୟ ପ୍ରାୟ ସକାଳ ୧୦ ଘଣ୍ଟା ହେବ ବହୁ ପୁରୁଷ ନାରୀ, ବୃଦ୍ଧ ଓ ଶିଶୁଙ୍କ ହରିବୋଲ ହୁଳହୁଳି ଶବ୍ଦରେ ଗୋପଗ୍ରାମ ପ୍ରକମ୍ପିତ ହେଉଥିଲା। ଗୋପଗ୍ରାମ ଶେଷ ମୁଣ୍ଡରେ ଏକ ପୁଷ୍କରିଣୀ ଥାଏ। ସେହି ପୁଷ୍କରିଣୀରେ ଦଳ ଭର୍ତ୍ତି ହୋଇଥାଏ ଏବଂ ଗୋଟିଏ ମାତ୍ର ତୁଠରେ ଗୋଟିଏ ପଥର ପଡ଼ିଥାଏ ଯେଉଁଥିରେ କି ଗ୍ରାମବାସୀ ଲୋକ ଗୋଡ଼ ଧୋଇ ଘାସାଘଷି କରନ୍ତି। ଲୁଗାପଟା ସଫା କରିବା ସହିତ ଗାଧୁଆ ପାଧୁଆ କରନ୍ତି। ବାବାଜୀ ମହାରାଜ କୀର୍ତ୍ତନ ମଣ୍ଡଳୀ ସହ ନଗର ପରିକ୍ରମା କରୁଥିବା ସମୟରେ ସେହି ପୁଷ୍କରିଣୀ ପାଖରେ ଅଟକିଗଲେ ଓ କୀର୍ତ୍ତନ ମଣ୍ଡଳୀ ଆଗକୁ ନଯାଇ ସେହିଠାରେ ଠିଆ ହୋଇ ନାମ କୀର୍ତ୍ତନ କଲେ ସେହି ସମୟରେ ସେହି ପୋଖରୀରେ ବଳରାମ କର ନାମକ ଜଣେ ବ୍ରାହ୍ମଣ ଗାଧୋଇ ସାରି ସେହି ପଥରରେ ପାଦ ଘଷୁଥିଲେ ସେ ଯିବା ପର୍ଯ୍ୟନ୍ତ ବାବାଜୀ ମହାଶୟ ଅପେକ୍ଷା କରି ରହିଲେ ଓ ଗଲା ପରେ ସେହି ପଥରକୁ ମୁଣ୍ଡିଆ ମାରି ଆଲିଙ୍ଗନ କଲେ ସେ ପୋଖରୀର ପାଣିକୁ ମୁଣ୍ଡରେରେ ଛିଞ୍ଚି କିଛି ଉଦରସ୍ଥ କଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତରେ ମୁଦ୍ରାସ୍ଫୀତି ହ୍ରାସ: ଏକ ସୁଖବର କିନ୍ତୁ ସତର୍କତା ଆବଶ୍ୟକ

ଜୁଲାଇ ୨୦୨୫ ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୧.୫୫% କୁ ଖସି ଆସିବା ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବିକାଶ। ଗତ ଆଠ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି, ଯାହା ଜୁନ୍ ୨୦୧୭ ରେ ୧.୪୬% ଥିଲା। ଏହି ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ର ୨-୬% 'କମ୍ଫର୍ଟ ବ୍ୟାଣ୍ଡ' ଠାରୁ ମଧ୍ୟ ବହୁତ କମ୍, ଯାହା ଦେଶର ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ ବହନ କରେ। ଏହି ମୁଦ୍ରାସ୍ଫୀତି ହ୍ରାସ ମୁଖ୍ୟତଃ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ହୋଇଥିବା ବଡ଼ ଧରଣର ସଙ୍କୋଚନ ଯୋଗୁଁ ସମ୍ଭବ ହୋଇଛି, ଯାହା ସାଧାରଣ ଖାଉଟି ପାଇଁ ଆଶ୍ୱସ୍ତି ଆଣିଛି ଏବଂ ସେମାନଙ୍କ କ୍ରୟ ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (NSO) ଦ୍ୱାରା ମଙ୍ଗଳବାର (ଅଗଷ୍ଟ ୧୨, ୨୦୨୫) ପ୍ରକାଶିତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (CPI) ଅନୁଯାୟୀ, ଗତ ନଅ ମାସ ଧରି ଭାରତରେ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ହ୍ରାସ ପାଉଛି। ଏହା ଏକ ସ୍ଥିର ଏବଂ ସକାରାତ୍ମକ ଧାରାକୁ ସୂଚାଉଛି। ଜୁଲାଇ ୨୦୨୫ ରେ ଖାଦ୍ୟ ଏବଂ ପାନୀୟ ବର୍ଗରେ ମୁଦ୍ରାସ୍ଫୀତି -୦.୮% ରେ ପହଞ୍ଚିଛି, ଯାହା ଜୁନ୍ ମାସରେ -୦.୨% ଥିଲା ଏବଂ ଗତ ବର୍ଷ ଜୁଲାଇ ୨୦୨୪ ରେ ୫.୧% ଥିଲା। ଏହି ତୀବ୍ର ହ୍ରାସ ଦର୍ଶାଉଛି ଯେ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ କରିବାରେ ସରକାର ଏବଂ ଆର୍ଥିକ ନୀତି ସଫଳ ହୋଇଛି। ବିଶେଷ ଭାବରେ, ଖାଦ୍ୟ ବାସ୍କେଟରେ ପନିପରିବା ଏବଂ ଡାଲିର ମୂଲ୍ୟରେ ଯଥାକ୍ରମେ ୨୧% ଏବଂ ୧୪% ର ବଡ଼ ଧରଣର ସଙ୍କୋଚନ ଦେଖାଯାଇଛି। ଏହି ହ୍ରାସ ମୁଖ୍ୟତଃ 'ଉଚ୍ଚ ଆଧାର ପ୍ରଭାବ ଏବଂ ବଜାରରେ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ହ୍ରାସ ଯୋଗୁଁ ସମ୍ଭବ ହୋଇଛି। CareEdge Ratings ର ମୁଖ୍ୟ ଅର୍ଥନୀତିଜ୍ଞ ରଜନୀ ସିହ୍ନାଙ୍କ ମତରେ, ଏକ ଭଲ ମୌସୁମୀ ବର୍ଷା, ପର୍ଯ୍ୟାପ୍ତ ଜଳଭଣ୍ଡାର ସ୍ତର ଏବଂ ଖରିଫ ଫସଲର ଭଲ ବୁଣା ଖାଦ୍ୟ ମୂଲ୍ୟକୁ ଆଗକୁ ମଧ୍ୟ ସ୍ଥିର ରଖିବାରେ ସହାୟକ ହେବ, ଯାହା କୃଷି କ୍ଷେତ୍ରର ସୁସ୍ଥ କାର୍ଯ୍ୟକଳାପକୁ ପ୍ରତିଫଳିତ କରୁଛି।

ଇନ୍ଧନ ଏବଂ ଖାଦ୍ୟ ମୂଲ୍ୟକୁ ବାଦ୍ ଦେଇ ଗଣନା କରାଯାଉଥିବା 'କୋର ଇନଫ୍ଲେସନ୍' ମଧ୍ୟ ଏକ ଆଶାଜନକ ସ୍ଥିତିରେ ରହିଛି। ଜୁଲାଇ ୨୦୨୫ ରେ ଏହା ୪.୧% କୁ ଖସି ଆସିଛି, ଯାହା ପୂର୍ବ ମାସରେ ୪.୪% ଥିଲା ଏବଂ ଏହା ଜଇଓ ର ୪% ଲକ୍ଷ୍ୟର ଅତ୍ୟନ୍ତ ନିକଟତର। କୋର ଇନଫ୍ଲେସନ୍ ଅର୍ଥନୀତିରେ ମୂଲ୍ୟ ଚାପର ଏକ ଅଧିକ ସ୍ଥିର ଚିତ୍ର ପ୍ରଦାନ କରେ, କାରଣ ଏହା ଅସ୍ଥିର ଖାଦ୍ୟ ଏବଂ ଇନ୍ଧନ ମୂଲ୍ୟର ପ୍ରଭାବକୁ ବାଦ୍ ଦେଇଥାଏ। ଉଚଓ ର ଅନ୍ୟ ବର୍ଗଗୁଡ଼ିକରେ ମଧ୍ୟ ମୁଦ୍ରାସ୍ଫୀତି ପ୍ରାୟ ସ୍ଥିର ରହିଛି।

ବ୍ୟାଙ୍କ ଅଫ୍ ବରୋଦାର ଅର୍ଥନୀତିଜ୍ଞ ଦୀପାନ୍ୱିତା ମଜୁମଦାରଙ୍କ ମତରେ, ଏକ 'ଷ୍ଟାଟିଷ୍ଟିକାଲ୍ ହାଇ ବେସ୍' ସେପ୍ଟେମ୍ବରରୁ ଡିସେମ୍ବର ୨୦୨୫ ମଧ୍ୟରେ ମୁଦ୍ରାସ୍ଫୀତି ହାରକୁ କମ୍ ରଖିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତି ଭାରତ ପାଇଁ ଅନୁକୂଳ, ବିଶେଷ କରି ଯେତେବେଳେ ବିଶ୍ୱସ୍ତରରେ ଶୁଳ୍କ (tariffs) ର ମୁଦ୍ରାସ୍ଫୀତି ପ୍ରଭାବକୁ ନେଇ ବ୍ୟାପକ ଆଲୋଚନା ଚାଲିଛି। ବିଶ୍ୱ ଅଭିବୃଦ୍ଧିରେ ହ୍ରାସ ଆନ୍ତର୍ଜାତୀୟ ସାମଗ୍ରୀ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବ ବୋଲି ଆଶା କରାଯାଉଛି, ଯାହା ଉଚ୍ଚ ଶୁଳ୍କ ହାରର ପ୍ରଭାବକୁ କିଛି ମାତ୍ରାରେ ପ୍ରଶମିତ କରିବ। ତେବେ, ସେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ପ୍ରତି ସତର୍କ କରାଇଛନ୍ତି: ଯଦି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଅନୁଯାୟୀ ଭାରତକୁ ରୁଷିଆ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡେ, ତେବେ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡିପାରେ। ଏପରି ସ୍ଥିତିରେ, ତେଲ ଆମଦାନୀ ପାଇଁ କୁଏତ ଓ ଇରାକ ଭଳି ଦେଶଗୁଡ଼ିକ ଆଡକୁ ବିବିଧତା ଆଣିବା (diversification) ଅତ୍ୟନ୍ତ ଜରୁରୀ ହେବ। ଏହା ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସହାୟକ ହେବ।

ସାମଗ୍ରିକ ଭାବେ, ଖୁଚୁରା ମୁଦ୍ରାସ୍ଫୀତିରେ ଏହି ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ। ଏହା କେବଳ ଖାଉଟିଙ୍କୁ ଆଶ୍ୱସ୍ତି ଦେଉନାହିଁ, ବରଂ ରିଜର୍ଭ ବ୍ୟାଙ୍କ ଉପରେ ମୁଦ୍ରାନୀତିକୁ କଠୋର କରିବାର ଚାପକୁ ମଧ୍ୟ ହ୍ରାସ କରୁଛି, ଯାହା ଭବିଷ୍ୟତରେ ସୁଧ ହାର କମାଇବା ପାଇଁ ସୁଯୋଗ ସୃଷ୍ଟି କରିପାରେ। ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଲେ, ନିବେଶ ଏବଂ ଅଭିବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ। ତେବେ, ଭବିଷ୍ୟତର ଆହ୍ୱାନ, ବିଶେଷ କରି ଭୂ-ରାଜନୈତିକ ପରିସ୍ଥିତି ଏବଂ ବିଶ୍ୱ ବଜାରରେ ତୈଳ ମୂଲ୍ୟର ଅସ୍ଥିରତା ଉପରେ ସତର୍କ ଦୃଷ୍ଟି ରଖିବା ଅତ୍ୟନ୍ତ ଜରୁରୀ। ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ଏହି ସକାରାତ୍ମକ ଧାରାକୁ ବଜାୟ ରଖିବା ଏବଂ ସମ୍ଭାବ୍ୟ ବିପଦଗୁଡ଼ିକୁ ମୁକାବିଲା କରିବା ପାଇଁ ସୁଚିନ୍ତିତ ଓ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ପ୍ରସ୍ତୁତ କରିବାକୁ ପଡିବ। ଏହି ପ୍ରୟାସଗୁଡ଼ିକ ହିଁ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବ।



# ଖୋଲାମେଲାରେ ଅପରାଧର ରାଜୁତି

## ଗଙ୍ଗାଧର ସାମଲ

ସରକାରଙ୍କ ରାଜସ୍ୱ ଲୁଟ କରି ଦାନୀ ଦେଖେଇ ହେବାର ଚରିତ୍ର ଆମ ମାନଙ୍କ ଭିତରେ ଅନେକ ରହିଛନ୍ତି। ସମାଜରେ ବଢ଼ି ଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଚାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଥିରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଇଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି।

ରାତି ପାହିଲେ କେବଳ ଖବରକାଗଜର ପୃଷ୍ଠା ଖେଳେଇଲେ ନୁହେଁ, ଆଖପାଖର କ୍ଷେତ୍ର, ନିତିଦିନିଆ ଜୀବନ ଚିତ୍ର, କୋର୍ଟ କଚେରୀ ସବୁଠି ଦେଖନ୍ତୁ ଅପରାଧିକ କାୟା ବିସ୍ତାରିତ ଓ ବିକଟାଳ। ଜନ୍ମକଲା ବାପ ପୁଅକୁ, ପ୍ରେମ କରି ସଂସାର କରିଥିବା ପୁରୁଷଟି ନିଜ ସ୍ତ୍ରୀକୁ, ଭାଇ ଭଉଣୀକୁ, ଚାକର ମାଲିକକୁ ସବୁ କ୍ଷେତ୍ରରେ ଯଦିଓ ସବୁଠି ନୁହେଁ ଅନେକ କ୍ଷେତ୍ରରେ ଏହି ଅପରାଧର ଧାରା କହିବାକୁଗଲେ ଏକ ସାଧାରଣ ଘଟଣା ହୋଇଗଲାଣି। ଅପରାଧ ସଂଗଠିତ କରୁଥିବା ଲୋକଟି ସବୁ ପ୍ରକାର ପାରିବାରିକ ଓ ଭାବଗତ ସମ୍ପର୍କକୁ ପଛ କରି ଦେଇ ହତ୍ୟାକୁ ଶ୍ରେଷ୍ଠ ଓ ଶେଷତମ ମାର୍ଗ ଭାବେ ବାଛୁଛି। ହତ୍ୟା କରଥିବା ସମାଜରେ ଆତଙ୍କ ଖେଳାଉ ଥିବା ଆମ ଆଲୋଚନାର ଅପରାଧୀମାନେ ସେମାନଙ୍କ ବୟସକୁ ଦେଖିଲେ ଜଣାଯାଏ ବୟସର ସୀମା ଆଉ ସୀମିତ ହୋଇ ରହିନାହିଁ। ଏବେ ଛଅରୁ ଆଠ ବର୍ଷର କଅଁଳ ଛୁଆଟିଏ କେତେବେଳେ ଅପରାଧୀ ସାଜିଲାଣି ତ କେତେବେଳେ ଅଶୀତ ପରରୁ ଉର୍ଦ୍ଧ୍ୱ ଲୋକଟି ହତ୍ୟା କରିବାକୁ ପଛାଉ ନାହିଁ। କେଉଁଠି ଦଶଟଙ୍କା ପାଇଁ, କେଉଁଠି ପାଣି ମୁନ୍ଦାଏ ପାଇଁ, କେଉଁଠି ବିସ୍କୁଟ ପ୍ୟାକେଟଟି ପାଇଁ, କେଉଁଠି ଖାଦ୍ୟ ମୁଠାଏ ପାଇଁ ଜଣେ ଅନ୍ୟ ଜଣଙ୍କ ଜୀବନ ନେବାକୁ ପଛାଉ ନାହିଁ। ଅନେକ ନଜିର ରହିଛି ଜାମିନ ମଞ୍ଜୁର କରୁଥିବା ସ୍ୱୟଂ ନ୍ୟାୟବତାର ବିଚାରପତିମାନେ କେତେକ କ୍ଷେତ୍ରରେ ସଂପୃକ୍ତ ଜେଲ ଫେରନ୍ତା ଅଭିଯୁକ୍ତର ଅପରାଧର ଶିକାର ହେଉଛନ୍ତି।

ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠେ ଯେ ସମାଜରେ ଏଭଳି କ୍ରୁରତା, ହିଂସା, ହତ୍ୟା, ରକ୍ତପାତର କାରଣ ସବୁ କ'ଣ? କେବଳ ନିଶା ନୁହଁ କ୍ଷମତାର ଅହଂକାର, ବାହୁବଳର ସାମର୍ଥ୍ୟ, ଅଖଣ୍ଡ ପ୍ରଭାବ ଓ ଅର୍ଥ ଅନେକଙ୍କୁ ହିତାହିତ ଜ୍ଞାନ ଭୁଲାଇ ଦେଉଛି। ସରକାରଙ୍କ ରାଜସ୍ୱ ଲୁଟ କରି ଦାନୀ ଦେଖେଇ ହେବାର ଚରିତ୍ର ଆମ ମାନଙ୍କ ଭିତରେ ଅନେକ ରହିଛନ୍ତି। ସମାଜରେ ବଢ଼ି ଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଚାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଥିରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଇଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି। ଯେନତେନ ପ୍ରକାରେଣ, ରାତାରାତି ସେହି ମାୟାଦୁନିଆକୁ ଛୁଇଁବାର ଉଚ୍ଚାକାଂକ୍ଷା ଛୋଟ ଅଥଚ ଜଟିଳ ରାସ୍ତାଟିଏ ଆବିଷ୍କାର କରୁଛି, ଯେଉଁଠାରେ ଅପରାଧ ହିଁ ସିଡ଼ି ବା ମାଧ୍ୟମ ହେଉଛି। ବସ୍ତିରେ ରହୁଥିବା ଅବହେଳିତ ବର୍ଗରୁ ଉଚ୍ଚଶିକ୍ଷିତ ଯୁବ ବର୍ଗ ଏହି ପଥର ଯାତ୍ରୀ ହୋଇସାରିଛନ୍ତି।

ସମାଜର ଏହି ଅଭାବନୀୟ ଦୃଶ୍ୟ ଦେଖିଲାବେଳକୁ ଯେ କେହି ଲୋକର ଛାତି ଭିତର ଅତ୍ୟନ୍ତ କଷ୍ଟ, ନୈରାଶ୍ୟ ଓ ବିଷାଦ ଭିତରେ ବୁଡ଼ି ଯାଉଛି। ଏବେ ଏଠାରେ ପ୍ରଶ୍ନ ଉଠୁଛି ପରିବେଶ ସୁଧୁରିବ କେମିତି ଓ ସୁଧାରିବ କିଏ? ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ୍ୟ ସମାବେଶୀ ହେବା ଆବଶ୍ୟକ। କଠୋର ଦଣ୍ଡ ବିଧାନ, ସୁଧାର ଗୃହ, ଆଇନ କାନୁନ କେବଳ ଏହାର ସମାଧାନ ନୁହେଁ। ବରଂ ଆଜିକାଲିର ବ୍ୟବସ୍ଥା ଯାହା, ସେଥିରେ ବସ୍ତିରେ ରହୁଥିବା ବା ରାସ୍ତାଘାଟରେ ଖରା, ବର୍ଷା, ଶୀତରେ ରାତି କାଟୁଥିବା ନିରାଶ୍ରୟ ବ୍ୟକ୍ତିଟିଏ ଅପରାଧଟିଏ ଭିଆଇ ଦେଇ କାରାଗାରର ଚାରିକାନ୍ଥ ଓ ଛାତ ତଳେ କିଛି ମାସ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଖାଇପିଇ ଜୀବନ କାଟିବାକୁ ଶ୍ରେୟ ମଣୁଛି। ଏପରିକି ହାଜତ ମୃତ୍ୟୁ ଭଳି ବିବାଦ ଓ ମାମଲାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖିବା ମାନସିକତାରେ ବିଚାରାଧୀନ ନିଶାସକ୍ତ କଏଦୀମାନଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତରୀ ପରାମର୍ଶକ୍ରମେ ପ୍ରତିଦିନ ଅନୁମୋଦିତ ପରିମାଣରେ ମଦ ଓ ଡ୍ରଗ୍ସ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉଛି। ଏଭଳି ପରିସ୍ଥିତିରେ ଅପରାଧ ହ୍ରାସ ପାଇବା ବଦଳରେ ବଢ଼ିବା ବିଚିତ୍ର କିମ୍ବା ଅସ୍ୱାଭାବିକ ନୁହେଁ। ଏହାଛଡ଼ା ଆମ ଲୋକ ସଂଖ୍ୟା ତୁଳନାରେ ଆରକ୍ଷୀ ବଳ ଅନୁପାତ ନୈରାଶ୍ୟଜନକ। ଏହାସତ୍ତ୍ୱେ ଯେଉଁଠାରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏକାଧିକ ନେତା, ମନ୍ତ୍ରୀ, ଭିଆଇପିଙ୍କ ଗସ୍ତ ଓ ସଭାସମିତି ପାଇଁ ମାଳମାଳ ଆରକ୍ଷୀ ବଳ ନିୟୋଜିତ, ସେଠାରେ ଅପରାଧ ଓ ଅପରାଧୀଙ୍କ ମନରେ ଭୟ ସଞ୍ଚାର କରିବ କିଏ? ଆଉ କିଛି ଦିନ ପରେ ସ୍ୱାଧୀନତା ଦିବସ ଆସୁଛି। ଏକଦା ଗାନ୍ଧିଜୀ ତାଙ୍କ ସ୍ୱପ୍ନର ସ୍ୱାଧୀନ ଭାରତର ସଂଜ୍ଞା ଦେବାକୁ ଯାଇ କହିଥିଲେ ଯେ - 'ଯେ ଯାଏ ଜଣେ ମହିଳା ଏକୁଟିଆ ରାତିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଯାଇ ଘରକୁ ଫେରିପାରୁଥିବ ତାହାହେଲେ ମୁଁ ଭାବିବି ଭାରତ ତାର ଅସଲ ସ୍ୱାଧୀନତା ପାଇଛି।' ଆଜିର ସମୟକୁ ଦେଖିଲେ ରାତି ତ ଦୂରର କଥା ଦିନ ଅଧରେ ସୁସ୍ଥ ସବଳ ଯୁବକ ଜଣଙ୍କ ପାଇଁ ମଧ୍ୟ ଘରୁ ପାଦ କାଢ଼ି ପୁଣି ନିରାପଦରେ ଘରକୁ ଫେରିବା ନିଶ୍ଚିତ ହୋଇପାରିନାହିଁ। ରାତାରାତି ସମାଜରୁ ଅପରାଧ ଚେତନାର ମୂଳ ଲୋପ କରିବା ସମ୍ଭବ ନୁହେଁ। ଏଥିପାଇଁ ଘରର କ୍ଷେତ୍ର ସର୍ବପ୍ରଥମ ଦାୟୀ। ପିଲାଟି କୋମଳମତୀ ଥିବା ଅବସ୍ଥାରେ ପରିବାର ଓ ପାରିପାର୍ଶ୍ୱିକ ଘଟଣାଚକ୍ର ତାକୁ ସୁଖଦ ବା ଦୁଃଖଦ କରିଥାଏ। ସେହିପରି ସରକାରୀ ଓ ବେସରକାରୀ, ସାମାଜିକ, ପାରିବାରିକ ଓ ସମନ୍ୱିତ ସବୁ ଦିଗରୁ ଏ କ୍ଷେତ୍ରରେ ଏକ ଉତ୍ତରଦାୟ ଗୁରୁ ଦାୟିତ୍ୱ ରହିଛି। ଏ କ୍ଷେତ୍ରରେ କେବଳ ପ୍ରଶାସନ, ନ୍ୟାୟ ବ୍ୟବସ୍ଥା, ପୋଲିସ ବ୍ୟବସ୍ଥାକୁ ଦାୟିତ୍ୱ ଛାଡ଼ି ଦେଇ ନିଜ ଉତ୍ତରଦାୟିତ୍ୱରୁ କେହି ମୁକୁଳିବାକୁ ପ୍ରୟାସ କରିବା ଅନୁଚିତ। ଆମ ସମସ୍ତଙ୍କର ଯେଉଁ ଗୁରୁଦାୟିତ୍ୱ ରହିଛି ଏହାକୁ ଆସନ୍ତୁ ନିର୍ବାହ କରିବା।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ: ୯୪୩୭୨୨୬୬୪୭




# ବିଶ୍ୱ ଆଦିବାସୀ ଦିବସ

## ଦଶରଥ ହେମ୍ବ୍ରମ୍



ବିଶ୍ୱର ୯୦ ଗୋଟି ଦେଶରେ ପ୍ରାୟ ୪୭୬ ମିଲିୟନ ଆଦିବାସୀ ଲୋକ ବସବାସ କରନ୍ତି, ଯାହା ସମୁଦାୟ ବିଶ୍ୱ ଜନସଂଖ୍ୟାର ପ୍ରାୟ ୬ ପ୍ରତିଶତ। ତନ୍ମଧ୍ୟରୁ ୧୯ ପ୍ରତିଶତ ଆଦିବାସୀ ଅତି ଗରିବରୁ ଗରିବ ଶ୍ରେଣୀର। ସେହିପରି ଆମ ଭାରତରେ ମଧ୍ୟ ସମୁଦାୟ ଜନସଂଖ୍ୟା ମଧ୍ୟରୁ ୮.୬% କିମ୍ବା ୧୦୪ ନିୟୁତ ଲୋକ ଆଦିବାସୀ, ଯାହା ୨୦୧୧ ଜନ ଗଣନା ତଥ୍ୟରୁ ଜଣାଯାଏ। ତନ୍ମଧ୍ୟରୁ ପ୍ରାୟ ୯.୪ ପ୍ରତିଶତ ଗରିବ ଶ୍ରେଣୀର ଆଦିବାସୀ। ତେବେ ଏନେଇ ଅନେକ ସମୟରେ ସରକାରୀ ହେଉ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ସର୍ଭେ କରି ରିସର୍ଚ୍ଚ ମଧ୍ୟ କରାଯାଇଛି ଏବଂ ଆହୁରି ଅଧିକରୁ ଅଧିକ ରିସର୍ଚ୍ଚ କରିଲେ ଆଦିବାସୀମାନଙ୍କ ବିକାଶର ପ୍ରତିଫଳିତ ହୋଇ ସେମାନେ ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରନ୍ତି। ଆଦିବାସୀମାଙ୍କ ସାମାଜିକ, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା କରିବା ସହିତ ସେମାନେ କିଭଳି ଶିକ୍ଷା ଓ ଅର୍ଥନୀତି କ୍ଷେତ୍ରରେ ଅଗ୍ରସର ହୋଇ ପାରିବେ ସେନେଇ ଆଦିବାସୀ ମନ୍ତ୍ରଣାଳୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ମଧ୍ୟ କରାଯାଇଛି। ଏସବୁ ବିଷୟରେ ଆଦିବାସୀମାନଙ୍କୁ ଅବଗତ ବା ସଚେତନ କରିବା ପାଇଁ ମିଳିତ ଜାତିସଂଘର ଆଦିବାସୀ ଜନସଂଖ୍ୟା ଶାଖାର କାର୍ଯ୍ୟକାରୀ ସଦସ୍ୟ ବୈଠକରେ ୧୯୮୨ରେ ପ୍ରଥମେ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ପାଳନର ପ୍ରସ୍ତାବ ଉପସ୍ଥାପନା କରାଯାଇଥିଲା। ପରବର୍ତ୍ତୀ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୨୩ ଡିସେମ୍ବର ୧୯୯୪ ମସିହାରେ, ୯ ଅଗଷ୍ଟକୁ ପ୍ରତି ବର୍ଷ 'ବିଶ୍ୱ ଆଦିବାସୀ ଦିବସ' ରୂପେ ମାନ୍ୟତା ଦେଇ ପାଳନ କରିବା ପାଇଁ ଗୃହୀତ ହେଲା। ସେହିଦିନଠାରୁ ବିଶ୍ୱର ବିଭିନ୍ନ ଦେଶରେ ଆଦିବାସୀମାନଙ୍କ ଅଧିକାର ଓ ସୁରକ୍ଷା ବାର୍ତ୍ତାକୁ ଆଦିବାସୀମାନେ ଆଗ୍ରହର ସହିତ ସମଗ୍ର ବିଶ୍ୱରେ ପାଳନ କରି ଆସୁଛନ୍ତି।

ବିଶ୍ୱ ଆଦିବାସୀ ଦିବସରେ ଆଦିବାସୀମାନେ ନିଜ ନିଜର ପାରମ୍ପାରିକ ବେଶଭୂଷାରେ ସଜେଇ ହୋଇ ସଭାସମିତିରେ ଯୋଗଦାନ କରିଥାନ୍ତି। ତା'ପୂର୍ବରୁ ଆଦିବାସୀ ଅଂଶଗ୍ରହଣକାରୀମାନେ ତାଳବାଦ୍ୟରେ ନୃତ୍ୟ କରି, ହୃଦୟସ୍ପର୍ଶୀ ଗୀତ ଗାନ କରି ଏବଂ ମଧୁର ବାଜା ବଜାଇ ସମଗ୍ର ସହରକୁ ଆନନ୍ଦ ଉଲ୍ଲାସ ଏବଂ ସାଂସ୍କୃତିକ ସ୍ପନ୍ଦନରେ ଆଚ୍ଛନ୍ନ କରିଦିଅନ୍ତି। ସରକାରୀ କିମ୍ବା ବେସରକାରୀ ସଂଗଠକମାନେ ଆୟୋଜିତ ଜନ ଉତ୍ସବରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାର ବ୍ୟବସ୍ଥା ରହିଥାଏ। କିନ୍ତୁ ସଭାସମିତି ହେବା ପୂର୍ବରୁ ଏକ ବିଶାଳ ଆଦିବାସୀ ରାଲି ହୁଏ, ଏଥିରେ ଆଦିବାସୀମାନେ ପାରମ୍ପରିକ ପୋଷାକ ପିନ୍ଧି, ନାଚଗୀତରେ ମସଗୁଲ ହୋଇ ଏବଂ ବାଜା ବଜାଇ ଶୋଭାଯାତ୍ରାରେ ବାହାରନ୍ତି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ଏକତା ପ୍ରଦର୍ଶିତକୁ ସୂଚିତ କରାଏ।

ସାଧାରଣତଃ, ଆଦିବାସୀମାନେ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି। ତା'ସହିତ ସେମାନେ ବଣ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ହେଲେ ବଜାରକୁ ସେମାନେ ସହଜେ ପ୍ରବେଶ କରି ପାରନ୍ତି ନାହିଁ, ଯାହା ଫଳରେ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହନ୍ତି। ବିଶ୍ୱ ବ୍ୟାଙ୍କ ସର୍ଭେର ତଥ୍ୟ ଅନୁସାରେ ଜଣେ ଅଣ-ଆଦିବାସୀ ତୁଳନାରେ ଆଦିବାସୀଟିଏ ଅତି ଦାରିଦ୍ର୍ୟର ଶିକାର ହେବାର ଆଶଙ୍କା ପ୍ରାୟ ତିନି ଗୁଣ ଅଧିକ। ଦେଶର ବିକାଶ ପ୍ରକ୍ରିୟାରେ ସେହିଭାବେ ସେମାନେ ଅଂଶଗ୍ରହଣ କରି ନପାରିବାରୁ ବିକାଶ ଯୋଜନାଗୁଡିକରୁ ତୁଳନାତ୍ମକ ଭାବେ ଅଧିକ ଲାଭ ହାସଲ କରିବାକୁ ସକ୍ଷମ ହୋଇ ନ ଥାଆନ୍ତି। ଅସୁରକ୍ଷିତ ଜମି ଓ ସମ୍ପତ୍ତି ଅଧିକାର, ଭେଦଭାବ, ଜଳବାୟୁ ପରିବର୍ତ୍ତନ ଓ ଅନ୍ୟ ବିପତ୍ତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଗତିବିଧିରେ ସେମାନେ ପଛରେ ରହିଯାନ୍ତି। ସେମାନେ ବସବାସ କରୁଥିବା ଗ୍ରାମାଞ୍ଚଳ ଓ ଅପହଞ୍ଚରେ ରୋଜଗାର ବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହୁଏ, ଯାହାଫଳରେ ମୁଣ୍ଡପିଛା ଆୟ ଆକଳନରୁ ବହୁ କମ ଥାଏ। ଅଧିକ ରୋଜଗାରକ୍ଷମ ହେବାରେ ଶିକ୍ଷାର ଏକ ବଡ ଭୂମିକା ନିଭାଏ, କିନ୍ତୁ ବିଭିନ୍ନ ନିଯୁକ୍ତ କ୍ଷେତ୍ରରେ ଆଦିବାସୀ ଛାତ୍ରଛାତ୍ରୀମାନେ ଉଚିତ ଶିକ୍ଷାଲାଭ ନ ପାଇବା ଦ୍ୱାରା ସରକାରୀ କିମ୍ବା ବେସରକାରୀ ନିଯୁକ୍ତିର ଫାଇଦା ନେଇପାରନ୍ତି ନାହିଁ। ସେମାନଙ୍କ ଅଞ୍ଚଳମାନଙ୍କରେ ଉପଯୁକ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ ଯୋଗୁ ସେମାନେ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡନ୍ତି, ଯାହା ହାରାହାରି ଆୟୁଷ ଅଣ-ଆଦିବାସୀଙ୍କ ତୁଳନାରେ ପ୍ରାୟ ୨୦ ରୁ ୩୦ ବର୍ଷ କମ, ଯାହା ସ୍ୱାସ୍ଥ ସର୍ଭେ ତଥ୍ୟ ପ୍ରକାଶ କରିଛି। ଏପରିକି ଭୌଗୋଳିକ ଦୂରତା ଜନିତ ସମସ୍ୟା ସେମାନଙ୍କୁ ନ୍ୟାଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହୁଅନ୍ତି। ଯେଉଁଥିପାଇଁ ବିଭିନ୍ନ ସମୟରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହୁଅନ୍ତି। କିନ୍ତୁ କୌଣସି ସମସ୍ୟାର ସଫଳ ମୁକାବିଲା କରିବା ପାଇଁ ସେମାନଙ୍କ ନିକଟରେ ଯଥେଷ୍ଟ ଭିତ୍ତିଭୂମି ଓ ପୁଂଜିଗତ ସମ୍ପତ୍ତିର ଅଭାବ, ଯାହା ଫଳରେ ଦାରିଦ୍ର୍ୟରୁ ସେମାନେ ମୁକ୍ତି ପାଇ ପାରୁନାହାନ୍ତି। ତେଣୁ ଏସବୁ ଆଦିବାସୀଙ୍କ ବାସ୍ତବ ସ୍ଥିତିକୁ ଜାଣିବା ପାଇଁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଏ। କେବଳ ଆଦିବାସୀଙ୍କ ଦାରିଦ୍ର୍ୟ, ସମସ୍ୟା ବା ଅଧିକାର ଓ ସୁରକ୍ଷା ସମ୍ପର୍କରେ ବଖାଣିବା ପାଇଁ ନୁହେଁ, ବରଂ ମାନବ ସଭ୍ୟତା ଓ ଜୀବଜଗତର ସୁରକ୍ଷା ପାଇଁ ସେମାନଙ୍କ ପ୍ରୟାସ ଓ ଯୋଗଦାନକୁ ବି ମନେ ପକାଇବାର ଏହି ଦିନଟିଏ ପାଲଟେ ସ୍ମରିଣିକା। ଏହାଦ୍ୱାରା ଆଦିବାସୀଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ ହେବା ସହ ସେମାନଙ୍କ ବିକାଶର ଛାୟାଚିତ୍ର ଦେଶର ପ୍ରଗତିକୁ ସୂଚିତ କରେ। ମାତ୍ର ଆଦିବାସୀମାନେ ଯେଉଁଠି ବସବାସ କରନ୍ତି ସେଠିକାର ପରିବେଶ ଓ ପ୍ରାକୃତିକ ସମ୍ପଦକୁ କେନ୍ଦ୍ର କରି ସେମାନଙ୍କ ଜୀବନଶୈଳୀ ଗଢି ଉଠିଥାଏ।


ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର
ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪


## କୋଟିଏରେ ଗୋଟେ ତୁମେ
### କବି ସୁଶାନ୍ତ ରଣା



ଯେବେ ମୁଁ ତୁମକୁ ଚାହୁଁତ ନ ଥିଲି
ସେ ଦିନ ଥିଲ ମୋ ପାଖେ
ଆଜି ମୁଁ ତୁମକୁ ଚାହୁଁ ଅଛି ଯେବେ
ମୋ ଠାରୁ ଅନେକ ଦୂରେ ।

ସେ ଦିନ ତୁମକୁ ଭାବି ମୁଁ ନ ଥିଲି
ଭାରି ଭଲ ବୋଲି ତୁମେ
ଆଜି ମୁଁ ଜାଣୁଛି ଭୁଲ ବୁଝୁଥିଲି
କୋଟିଏ ରେ ଗୋଟେ ତୁମେ ।

ସେଇ ଭୁଲ ପାଇଁ ଆଜି ତୁମେ ପ୍ରିୟା
ହେଲ ତ ଆଉ କାହାର
ଭୁଲ ନୁହେଁ ତୁମର ଆଗୋ ପ୍ରିୟତମା
ଭୁଲ ତ ହୋଇଛି ମୋର ।

ତୁମ ପ୍ରିୟ ସାଥେ ଗଢ଼ ପ୍ରେମର ମନ୍ଦିର
ମୁଁ ତ କହିବିନି କିଛି
ଦୁଃଖ କରିବିନି ସହିଯିବି ହସି
ତୁମ ଖୁସିରେ ମୁଁ ଖୁସି ଓଓ


+ତେରେସିଂହା, ଜି. କଳାହାଣ୍ଡି
ମୋ: ୭୮୯୪୬୫୮୨୭୪





## ଭକ୍ତି ଶ୍ରେଷ୍ଠ ଧର୍ମ...
### ରାମଚନ୍ଦ୍ର ବେହେରା



ଭକ୍ତି ଅଟେ ଶକ୍ତି ଭକ୍ତି ଅଟେ ମୁକ୍ତି
ଭକ୍ତିହିଁ ଜୀବନ ଧର୍ମ
ଭକ୍ତିକୁ ଯେ ଭାବେ ଆତ୍ମ
ସଂଜୀବନୀ
କରଇ ମହତ କର୍ମ।

ଭକ୍ତି ଚେତନାରେ ପ୍ରହ୍ଲାଦ ଅମର
ଜୀବନେ ଲଭିଲା ସିଦ୍ଧି
ସୁଖ ଶାନ୍ତି ଆସେ ଆଗପଛ ହୋଇ
ଯିଏ ପାଳେ ଭକ୍ତି ବିଧି।

ମନ ଯା'ପବିତ୍ର ଗାଏ ଭକ୍ତି ସ୍ତୋତ୍ର
ମିଳେ ଅସରନ୍ତି ସ୍ଫୂର୍ତ୍ତି
ଜୀବନ ତାହାର ହୁଏ ମଧୁମୟ
ମିଳେ ତାକୁ ଆତ୍ମତୃପ୍ତି।

ସ୍ନେହଶ୍ରଦ୍ଧା ଭାବ ଭକ୍ତିର ପୁଲକ
ହୃଦୟେ ଯାହାର ଥାଏ
ଆପଣାର ହୋଇ ଶତ୍ରୁବି ତାହାର
ପଦ ଯୁଗଳକୁ ଛୁଏଁ।

ସ୍ନେହ ଅନୁରକ୍ତି ମାତୃପିତୃ ଭକ୍ତି
ଜଗତରେ ଶ୍ରେଷ୍ଠ ଧର୍ମ
ଭକ୍ତିଭାବ ସହ ଯେ'କରଇ କର୍ମ
ସଫଳ ହୁଅଇ ଶ୍ରମ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ଅନୁକୂଳ ତୁମରି ନାମ
### ସୁସ୍ମିତା ଦାସ



ସବୁରି ଠାକୁର ତୁମେ
ଥାଅ ସଦା ଭକ୍ତ ପ୍ରେମେ
ଭକତ ଜନର ତୁମେ ଗଳାର
ମାଳି...
ତବ ଦରଶନ ଆଶେ
କୋଟି ଭକ୍ତ ଯାନ୍ତି ପାଶେ
ପାଇବାକୁ ପାଦୁ ତବ ପବିତ୍ର
ଧୂଳି...
ବାରେ ଦେଖି ମାନେନା ମନ
ଏ ଆରତ ହୃଦେ ଏକା
ମନମୋହନ।
ଭକ୍ତର ସାନିଧ ପାଇଁ...
ହୋଇ ତୁମେ ନର ଦେହି
ତାରିବାକୁ ଭକତଙ୍କୁ ଭବ ସାଗରୁ...
ମନମୋହିନୀଙ୍କ ଧନ ଶିବଚନ୍ଦ୍ରଙ୍କ
ନନ୍ଦନ
ଜନ୍ମନେଲ ଦେଖି ଏକ ପୁଣ୍ୟ ଲଗନ
ବ୍ରହ୍ମା ବିଷ୍ଣୁ ତୁମେ ମହେଶ
ଲୋଡ଼େ ମୁହିଁ ସଦା ତୁମ ପୁଣ୍ୟ
ପରଶ।
ତାଳନବମୀର ଦିନେ ଚପଳା ପରାଏ
ଘନେ
ଜନ୍ମନେଲ ବିଶ୍ୱପିତା ବିଶ୍ୱ ଭୁବନେ
ଶୁଭଶଙ୍ଖ ପ୍ରତିଧ୍ୱନି କମ୍ପାଇ ସାରା
ମେଦିନୀ
ଯୁଗ ପୁରୁଷୋତ୍ତମଙ୍କ ଜନ୍ମ ଲଗନ
ଅନୁକୂଳ ତୁମରି ନାମ...
ଦିନ ଦୁଃଖୀ ଜନଙ୍କର ପ୍ରିୟ ପରମ।


+କଣ୍ଠାବଣିଆ,ଯାଜପୁର,ଓଡ଼ିଶା


## ଛାଇ ଆଲୁଅର ଖେଳ
### ପ୍ରଭାତ କୁମାର ନାୟକ

ମୋ ସାଥିରେ ଆଉ ଖେଳ ନାହିଁ ତୁମେ
ଛାଇ ଆଲୁଅର ଖେଳ,
କେବେ କୁହ କଥା କେବେ ପୁଣି କୁହ
ତୁମ ପାଖେ ନାହିଁ ବେଳ ।
ତୁମରି ବିରହ ନିଦାଘ ନିଆଁରେ
ନିତି ମନ ମୋର ଜଳେ,
ଚାନ୍ଦିନୀ ରାତ୍ରୀରେ ଚନ୍ଦ୍ରମା ଯେବେ
ଶୀତଳ ଜୋଛନା ଢାଳେ ।
ହୃଦୟ ହିଲ୍ଲୋଳେ ତୁମରି କଥାକୁ
ମନରେ ମନରେ ଗୁଣି,
ବିନିଦ୍ର ରଜନୀ ବେଦନା ଭରଇ
ଆଖିରୁ ଝରେ ଶ୍ରାବଣୀ ...
କହି ହୁଏ ନାହିଁ ସହି ହୁଏ ନାହିଁ
ମନ ତଳ କଥା ଯେତେ,
କହିବି କାହାକୁ ଶୁଣିବ କିଏବା
ଅସରନ୍ତି କଥା ଏତେ ....


+ଚେନ୍ନାଇ, ତାମିଲନାଡୁ
ମୋ : ୮୧୨୨୮୦୩୨୪୬

ବିବିଧ ବିଶ୍ୱ
ଦେଶବିଦେଶର
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ବୁଧବାର ୧୩ ଅଗଷ୍ଟ,୨୦୨୫

# କ'ଣ ପାଇଁ ହୁଏ ଗଲ୍‌ଷ୍ଟୋନ୍ ?





# ଜାଣନ୍ତୁ ପିତ୍ତାଶୟରେ ପଥର ହେବାର ଲକ୍ଷଣ, କାରଣ, ଚିକିତ୍ସା

ପିତ୍ତାଶୟ ପଥର ବା ଗଲ୍‌ଷ୍ଟୋନ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା, ଯାହା ପିତ୍ତାଶୟରେ କଠିନ ଜମାଟ ଦ୍ରବ୍ୟ ହିସାବରେ ଗଠିତ ହୁଏ । ଏହା ପ୍ରାୟତଃ କୋଲେଷ୍ଟରଲ, ବିଲିରୁବିନ ବା କ୍ୟାଲସିୟମ ଲବଣରୁ ତିଆରି ହୁଏ । ଏହା ଆକାରରେ ବାଲି କଣାଠାରୁ ଆରମ୍ଭ କରି ଗଲ୍ଫ ବଲ୍ ପର୍ଯ୍ୟନ୍ତ ହୋଇପାରେ । ଏହି ସମସ୍ୟା ୫୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ଅଧିକ ଦେଖାଯାଏ, ବିଶେଷକରି ମହିଳାଙ୍କଠାରେ ।

ଆଜିକାଲି ଏହା ଏକ ସାଧାରଣ ସମସ୍ୟା ପାଲଟିଛି । କେତେକ ସମୟରେ ଏଗୁଡ଼ିକ ଛୋଟ ପଥର ହୋଇଥାଏ ଏବଂ କୌଣସି ଲକ୍ଷଣ ବିନା ରହିଥାଏ, କିନ୍ତୁ ଯେତେବେଳେ ଏହା ବଡ଼ ହୋଇଯାଏ କିମ୍ବା ଗତି କରେ ଏବଂ ଅବରୋଧ ସୃଷ୍ଟି କରେ, ସେତେବେଳେ ପ୍ରବଳ ଯନ୍ତ୍ରଣା, ବାନ୍ତି, ଗ୍ୟାସ କିମ୍ବା ଜ୍ୱର ଭଳି ସମସ୍ୟା ଆରମ୍ଭ ହୁଏ । ଏପରି ପରିସ୍ଥିତିରେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏହାକୁ ଅପରେସନ ବିନା ଭଲ କରାଯାଇପାରିବ କି ଅସ୍ତ୍ରୋପଚାର ଶେଷ ଉପାୟ ।

ଲକ୍ଷଣ: ଅନେକ କ୍ଷେତ୍ରରେ ପିତ୍ତାଶୟ ପଥର କୌଣସି ଲକ୍ଷଣ ଦେଖାଏ ନାହିଁ, ଯାହାକୁ "ସାଇଲେଣ୍ଟ ଷ୍ଟୋନ" କୁହାଯାଏ । କିନ୍ତୁ ଯଦି ପଥର ପିତ୍ତ ନଳୀରେ ଅବରୋଧ ସୃଷ୍ଟି କରେ, ତେବେ ନିମ୍ନଲିଖିତ ଲକ୍ଷଣ ଦେଖାଦେଇପାରେ:

-ଉପର ଡାହାଣ ପେଟରେ ତୀବ୍ର କିମ୍ବା ନିରନ୍ତର ଯନ୍ତ୍ରଣା (ବିଲିଆରୀ କୋଲିକ)
-ବାନ୍ତି ଓ ଅଜଣା ଅନୁଭବ
-ପେଟ ଫମ୍ପୁରା ଓ ଗ୍ୟାସ ସମସ୍ୟା
-ଜଣ୍ଡିସ (ଚର୍ମ ଓ ଆଖିରେ ହଳଦିଆ ରଙ୍ଗ)
-ଜ୍ୱର, ଥଣ୍ଡା ଲାଗିବା ବା ଦ୍ରୁତ ହୃତ୍ସ୍ପନ୍ଦନ

ପିତ୍ତ ପଥର ପଛରେ କାରଣ:

ପିତ୍ତ ପଥର ପଛରେ ଅନେକ କାରଣ ଥାଇପାରେ । ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ କୋଲେଷ୍ଟ୍ରଲ ଅତ୍ୟଧିକ ହେବା । ଯେଉଁ ଲୋକମାନଙ୍କର ଖାଦ୍ୟ ବହୁତ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଥାଏ କିମ୍ବା ଯେଉଁମାନେ ଦୀର୍ଘ ସମୟ ଧରି ଭୋକିଲା ରୁହନ୍ତି, ସେମାନଙ୍କ ପାଖରେ ଏହି ରୋଗର ଆଶଙ୍କା ଅଧିକ ଥାଏ । ସ୍ଥୂଳତା, ମଧୁମେହ, ଚର୍ବି ଯକୃତ, ଦ୍ରୁତ ଓଜନ ହ୍ରାସ, ଦୀର୍ଘକାଳୀନ ଗର୍ଭନିରୋଧକ ବଟିକା ବ୍ୟବହାର ଏବଂ ଗର୍ଭାବସ୍ଥା ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ ମଧ୍ୟ ଏହି ରୋଗର ବିପଦକୁ ବୃଦ୍ଧି କରେ ।

ଚିକିତ୍ସା: ଲକ୍ଷଣବିହୀନ ପଥର ପାଇଁ ସାଧାରଣତଃ ଚିକିତ୍ସାର ଆବଶ୍ୟକତା ନଥାଏ । କିନ୍ତୁ ଯଦି ଯନ୍ତ୍ରଣା ବା ଜଟିଳତା ଦେଖାଦିଏ, ତେବେ ନିମ୍ନଲିଖିତ ଚିକିତ୍ସା ବିକଳ୍ପ ଉପଲବ୍ଧ: ଅସ୍ତ୍ରୋପଚାର (କୋଲେସିଷ୍ଟେକ୍ଟୋମୀ): ପିତ୍ତାଶୟ ଅପସାରଣ ହେଉଛି ସବୁଠାରୁ ସାଧାରଣ ଓ ପ୍ରଭାବଶାଳୀ ଚିକିତ୍ସା । ଲାପାରୋସ୍କୋପିକ କୋଲେସିଷ୍ଟେକ୍ଟୋମୀ (କୀହୋଲ ସର୍ଜରୀ) ସାଧାରଣତଃ କରାଯାଏ, ଯାହା ୬୦-୯୦ ମିନିଟ ସମୟ ନେଇଥାଏ ଏବଂ ରୋଗୀ ସାଧାରଣତଃ ଦିନେ ମଧ୍ୟରେ ଘରକୁ ଫେରିପାରନ୍ତି । ପିତ୍ତାଶୟ ଅପସାରଣ ପରେ ବିଲେ ସିଧାସଳଖ ଯକୃତରୁ କ୍ଷୁଦ୍ରାନ୍ତ୍ରକୁ ଯାଇଥାଏ, ଯାହା ସାଧାରଣତଃ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ ।

ନିର୍ଣ୍ଣୟ: ପିତ୍ତାଶୟ ପଥର ନିର୍ଣ୍ଣୟ ପାଇଁ ନିମ୍ନଲିଖିତ ପରୀକ୍ଷା କରାଯାଏ:

-ଆଲଟ୍ରାସାଉଣ୍ଡ: ଏହା ସବୁଠାରୁ ସାଧାରଣ ଓ ନିରାପଦ ପଦ୍ଧତି ।
-CT ସ୍କାନ, MRI, MRCP ବା EUS: ଛୋଟ ପଥର ବା ନଳୀରେ ଅବରୋଧ ଚିହ୍ନଟ କରିବା ପାଇଁ ।
-ରକ୍ତ ପରୀକ୍ଷା: ସଂକ୍ରମଣ, ଜଣ୍ଡିସ ବା ପାନ୍କ୍ରିଆଟାଇଟିସ ଚିହ୍ନଟ କରିବା ପାଇଁ ।

ପ୍ରତିରୋଧ: ପିତ୍ତାଶୟ ପଥର ରୋକିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ:

ସ୍ୱାସ୍ଥ୍ୟକର ଖାଦ୍ୟ: ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ, ଚର୍ବିଯୁକ୍ତ ଓ ପ୍ରୋସେସ୍ଡ ଫୁଡ୍‌କୁ ଏଡ଼ାନ୍ତୁ ।

ଓଜନ ନିୟନ୍ତ୍ରଣ: ଦ୍ରୁତ ଓଜନ ହ୍ରାସ ଏଡ଼ାନ୍ତୁ, ଧୀରେ ଧୀରେ ଓଜନ କମାନ୍ତୁ ।

ନିୟମିତ ଶାରୀରିକ କାର୍ଯ୍ୟକଳାପ: ଏହା ପିତ୍ତାଶୟର ସଠିକ କାର୍ଯ୍ୟକୁ ସହାୟକ ହୁଏ ।

ପର୍ଯ୍ୟାପ୍ତ ଜଳ ପାନ: ଦିନକୁ ୬-୮ ଗ୍ଲାସ ଜଳ ପିଅନ୍ତୁ ।

ଜଟିଳତା:

ଚିକିତ୍ସା ନକଲେ ପିତ୍ତାଶୟ ପଥର ନିମ୍ନଲିଖିତ ଜଟିଳତା ସୃଷ୍ଟି କରିପାରେ:

କୋଲେସିଷ୍ଟାଇଟିସ: ପିତ୍ତାଶୟରେ ପ୍ରଦାହ ।

ପାନ୍କ୍ରିଆଟାଇଟିସ: ପିତ୍ତ ନଳୀ ଅବରୋଧ ହେଲେ ଅଗ୍ନାଶୟରେ ପ୍ରଦାହ ।

ଜଣ୍ଡିସ: ବିଲେ ପ୍ରବାହ ଅଟକିବା ଯୋଗୁଁ ଚର୍ମ ଓ ଆଖି ହଳଦିଆ ହେବା ।

ପିତ୍ତାଶୟ କର୍କଟ: ବିରଳ ହେଲେ ମଧ୍ୟ ଏକ ଜଟିଳତା ।

ଯଦି ଆପଣ ପେଟରେ ତୀବ୍ର ଯନ୍ତ୍ରଣା, ଜଣ୍ଡିସ ବା ଜ୍ୱର ଅନୁଭବ କରୁଛନ୍ତି, ତୁରନ୍ତ ଜଣେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ବା ସର୍ଜନଙ୍କୁ ପରାମର୍ଶ କରନ୍ତୁ । ସଠିକ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ପିତ୍ତାଶୟ ପଥରର ଜଟିଳତାକୁ ଏଡ଼ାଯାଇପାରିବ ।

# ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା

ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି । ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ । ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି । 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା । କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା । କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ ।



# କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

## ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...



■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ । ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି ।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ । କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି ।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ । ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ ।

# ସବୁଜ ଚା' ନା ନିମ୍ବ ପତ୍ର କେଉଁଟି ଭଲ କେଶ ପାଇଁ ?

**ଦୀର୍ଘ ଓ ଘନ କେଶ କାହାକୁ ବା ପସନ୍ଦ ନୁହେଁ ? ଉଭୟ ପୁରୁଷ ଓ ମହିଳାଙ୍କୁ ଘନ କେଶ ପସନ୍ଦ । ହେଲେ ଉତ୍ତମ କେଶ ମନକୁ ମନ ହୋଇଯାଏନି । ସେଥିପାଇଁ ଆମକୁ କିଛି ଘରୋଇ ଉପଚାର କରିବାକୁ ପଡ଼ିଥାଏ । ଆଜିକାଲି ଲୋକ ଅନେକ ଘରୋଇ ଉପଚାର ଆପଣଉଛନ୍ତି ମଧ୍ୟ ।**

କେଶକୁ ବଢ଼ାଇବା ପାଇଁ ଲୋକ ସବୁଜ ଚା' ଓ ନିମ୍ବ ପତ୍ରକୁ ପ୍ରୟୋଗ କରିଥାନ୍ତି । ମାତ୍ର ଏହି ଦୁଇଟି ପତ୍ର ମଧ୍ୟରୁ କେଉଁଠି ଆପଣଙ୍କ କେଶ ପାଇଁ ଅଧିକ ଲାଭକାରୀ ଜାଣନ୍ତି କି ? ଏହି କଥା ଅଧିକାଂଶ ଲୋକ ଜାଣନ୍ତି ନାହିଁ । ଚାଲନ୍ତୁ ଜାଣିବା ଉତ୍ତମ କେଶ ପାଇଁ କାହାର ପ୍ରୟୋଗ କରିବା ଉଚିତ ।

ସବୁଜ ଚା' ପତ୍ର ଏ ଦୃଷ୍ଟିରୁ ବହୁତ ଭଲ । ସବୁଜ ଚା' ପିଇବା ଯେପରି ଭଲ ତାହାକୁ ବାଟିକି ମୁଣ୍ଡରେ ଲେପ ଦେବା ବି ଭଲ ହୋଇଥାଏ । ନିମ୍ବ ପତ୍ରକୁ ବି ଲେପ କରି କେଶରେ ଲଗାଇବା ଭଲ । ଏହି ନିମ୍ବ ପତ୍ର କେଶରୁ ଉକୁଣି ସମସ୍ୟା ବି ଦୂର କରିଥାଏ ।

ସବୁଜ ଚା' ଓ ନିମ୍ବ ପତ୍ରର ସ୍ପ୍ରେ ବି ସପ୍ତାହକୁ ଥରେ ଦୁଇ ଥର କରିବା ଭଲ । ସବୁଜ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କେଶର ବୃଦ୍ଧି ପାଇଁ ଖୁବ୍ ଭଲ କାମ କରେ ।

ସେହିପରି ନିମ୍ବରେ ରହିଛି ଆଣ୍ଟି ବାକ୍ଟେରିୟାଲ୍ ଏବଂ ଆଣ୍ଟି ଫଙ୍ଗଲ ଗୁଣ । ଯାହାକି କେଶକୁ ରୂପି ସମସ୍ୟାରୁ ରକ୍ଷା କରେ ।





# ଚା', କଫି ଛାଡ଼ନ୍ତୁ: ସୁସ୍ଥ ରହିବାକୁ ଚାହୁଁଥିଲେ ପଇଡ଼ ପାଣି ପିଅନ୍ତୁ

ଉଭୟ ଖାଇବା ଓ ପିଇବା ମଣିଷ ଶରୀର ପାଇଁ ଜରୁରୀ । ଉପଯୁକ୍ତ ଖାଦ୍ୟ ଓ ପାନୀୟର ଅଭାବ ହେଲେ ଶରୀରରେ ବିଭିନ୍ନ ପ୍ରକାରର ରୋଗ ହୁଏ ।

ଆମେ ଭାରତୀୟ ଲୋକମାନେ ଚା ଓ କଫି ପିଇବାକୁ ଖୁବ୍ ଭଲପାଆନ୍ତି । ହେଲେ ଏହି ସବୁ ପାନୀୟରେ କ୍ୟାଫିନ ଥିବା ହେତୁ ଏହା ଶରୀର ପାଇଁ ଉପଯୁକ୍ତ ହୋଇନଥାଏ ।

ତେଣୁ ସବୁଠାରୁ ଭଲ ପାନୀୟ ଭାବେ ଆମେ ପଇଡ଼ ପାଣିକୁ ନେଇପରିବା । ପଇଡ଼ ପିଇବା ଦ୍ୱାରା ଶରୀରର ନାନା ରୋଗ ଭଲ ହୋଇଯାଏ ।

ଏଥିରେ ରହିଛି ଭିଟାମିନ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଏବଂ ବିଭିନ୍ନ ପ୍ରକାରର ମିନେରାଲ୍ସ । ଯାହାକି ଶରୀର ପାଇଁ ଖୁବ୍ ଭଲ ।

ପଇଡ଼ ପିଇବା ଦ୍ୱାରା ଗ୍ୟାଷ୍ଟ୍ରିକ, ହଜମ ସମସ୍ୟା ଆଦି ଦୂର ହୋଇଥାଏ । ପେଟରେ ଥିବା ସଂକ୍ରମଣ ବି ପଇଡ଼ ପିଇବା ଦ୍ୱାରା ଭଲ ହୋଇଯାଏ ।

ଜଣ୍ଡିସ, ରକ୍ତଚାପ ରୋଗୀ, ଗର୍ଭବତୀ ମହିଳା ଆଦି ପଇଡ଼ ପିଇବା ଖୁବ୍ ଭଲ ।

ପଇଡ଼ ମନ ଇଚ୍ଛା ପାଇପାରିବେ ନାହିଁ । ଦିନକୁ ୨ ଥର ପଇଡ଼ ପିଇବା ଉଚିତ । ଥରେ ପିଇଲେ ବି ଚଳିବ । ନିଜକୁ ଫିଟ୍ ରଖିବାକୁ ଅତି କମରେ ସପ୍ତାହକୁ ଥରେ ପଇଡ଼ ପିଅନ୍ତୁ ।



# ସକାଳେ ଖାଲି ପେଟରେ ହଳଦୀ ପାଣି ପିଇଲେ ମିଳିଥାଏ ଅନେକ ଲାଭ

ସକାଳେ ଖାଲି ପେଟରେ ଖାଉଥିବା କିମ୍ବା ପିଉଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କିପରି ହେବ ତାହା ନିର୍ଣ୍ଣୟ କରେ । ଯଦି ଆପଣ ଖାଲି ପେଟରେ ସୁସ୍ଥ ଖାଦ୍ୟ ଖାଆନ୍ତି, ତେବେ ଆପଣ ସାରା ଦିନ ଆକ୍ଟିଭ୍ ରହିବେ । ଯଦି ଜଙ୍କଫୁଡ୍ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆପଣ ଦିନଚର୍ଯ୍ୟା ଆରମ୍ଭ କରନ୍ତି, ତେବେ ତୁରନ୍ତ ରୋଗ ମାଡ଼ିଆସିବ । ଏପରି ସ୍ଥିତିରେ ଖାଲି ପେଟରେ ହଳଦୀ ପାଣି ପିଇବା ବହୁତ ଲାଭଦାୟକ ହୋଇଥାଏ । ହଳଦୀ ହେଉଛି ଭାରତୀୟ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ କିନ୍ତୁ ବହୁତ ଶକ୍ତିଶାଳୀ ମସଲା । ଏଥିରେ ଥିବା କରକ୍ୟୁମିନ ଏକ ଆଣ୍ଟିଅକ୍ସିଡାଣ୍ଟ, ପ୍ରଦାହ-ରୋଧକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ବୋଲି ବିବେଚନା କରାଯାଏ । ବିଶେଷକରି ଯେତେବେଳେ ହଳଦୀକୁ ସକାଳେ ଖାଲି ପେଟରେ ଉଷୁମ ପାଣି ସହିତ ପିଇଥାନ୍ତି ଏହାର ଲାଭ ଆହୁରି ବଢ଼ିଯାଏ । ଆୟୁର୍ବେଦ ଏବଂ ବିଜ୍ଞାନ ଉଭୟ କୁହନ୍ତି ଯେ, ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ । ଆୟୁର୍ବେଦ ବିଭାଗର ମୁଖ୍ୟ ଡାକ୍ତର ଏହାର ଉପାଦେୟ ବିଷୟରେ କହିଛନ୍ତି ।

# ଅନିର୍ଦ୍ଧିଷ୍ଟକାଳ ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା ରାଜସ୍ୱ ଅମଲା ସଂଘ କେନ୍ଦୁଝର ଶାଖା

କେନ୍ଦୁଝର, ୧୨/୦୮ (ନି.ପ୍ର): ଆଜିଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବରଗଛ ତଳେ ରାଜସ୍ୱ ଅମଲା ସଂଘ କେନ୍ଦୁଝର ଶାଖା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନିର୍ଦ୍ଧିଷ୍ଟକାଳ ଆନ୍ଦୋଳନକୁ ଓହ୍ଲାଇଛି ଅଛି ସଂଘ। ଆଜି ଠାରୁ ରାଜ୍ୟ ସଂଘର ଡାକରାରେ ୧୦ ଦାବୀ ନେଇ ଆନ୍ଦୋଳନକୁ ଓହ୍ଲାଇଛି ସଙ୍ଘ। ସହିତ ଜନ ସାଧାରଣଙ୍କ କାର୍ଯ୍ୟରେ କୌଣସି ବ୍ୟାଘାତ ଘଟିଲେ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ କହିଛି ସଂଘ। ଦାବି ପୂରଣ ନହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି ସଂଘ। ଆଜିର ଏହି ଆନ୍ଦୋଳନରେ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ସଚିନ କୁମାର ପଣ୍ଡା, ଉପ ସଭାପତି ମିନତୀ ସାହୁ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି , ଉପଦେଷ୍ଟା କୈଳାସ ଚନ୍ଦ୍ର ମଲ୍ଲିକ, ସରୋଜ କୁମାର ସାହୁ, ଭୁବନେଶ୍ୱର ମହାପାତ୍ର ମିଡିଆ ସଂଯୋଜକ ପିତବାସ ମହାନ୍ତ ଏବଂ ପ୍ରତାପ କୁମାର ବୈଠା, ମାନସ କୁମାର ଜେନା, ଦେବବ୍ରତ ବେହେରା , ଶିବାନୀ ନାଏକ, ପାର୍ଥସାରଥୀ ନାୟକ, ଛବିଳ ପାତ୍ର, ଜନ୍ମେଜୟ ସତପଥୀ, ସନ୍ତୋଷ କୁମାର ରଣା, ପ୍ରସନ୍ନ କୁମାର ରାମ, ସୁରେଶ ରଣା, ପ୍ରଭାତି ପ୍ରଧାନ, ଭିମସେନ ଜେନା, ପଙ୍କଜିନୀ ସେଠୀ, ସତ୍ୟବତୀ ଲାଗୁରୀ, ବବିତା ସାହୁ, ମିତାଲି ଦାସ,ଦିଲ୍ଲିପ କୁମାର ଜେନା,ଦିପକ ପାତ୍ର, ଅଞ୍ଜଳୀ ସାହୁଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦାନ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହା ସହ ଜିଲ୍ଲାର ଆନନ୍ଦପୁର ଓ ଚମ୍ପୁଆ ଉପଖଣ୍ଡରେ ମଧ୍ୟ ଆନ୍ଦୋଳନ ଜାରି ଥିବା ସଙ୍ଘ ପକ୍ଷରୁ କୁହାଯାଇଛି।

## ଦୋକାନରୁ ୭୦ ହଜାର ଟଙ୍କା ଚୋରି

ବାରିପଦା, ୧୨/୦୮ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଢ଼ିପାସାହି ଅଂଚଳର ମଳୟ ରଞ୍ଜନ ବେହେରା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବାବେଳେ ଏହାର ସୁଯୋଗ ନେଇ ଦୋକାନରୁ ଚୋରି ହୋଇଛି। ଦୋକାନ ତାଲା ଭାଙ୍ଗି ୭୦ ହଜାର ଟଙ୍କା ଓ ସାମଗ୍ରୀ ଚୋରି କରିଛନ୍ତି। ସକାଳୁ ଦୋକାନ ଖୋଲିବା ପରେ ଦୋକାନରୁ ଚୋରୀ ହୋଇଥିବାର ସେ ଜାଣିବାକୁ ପାଇଥିଲେ। ଚୋରି ବାବଦରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପିସିଆର ପହଂଚି ତଦନ୍ତ ଆରମ୍ଭ କରିଛନ୍ତି।

# ଇଂଟର୍ ନେସନାଲ ୟଙ୍ଗ ଇକୋ ହୀରୋ ଆୱାର୍ଡ଼ ପାଇଁ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ମନୋନୀତ

ଜୟପୁର, ୧୨/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି, ‘ ଅନ୍ତର୍ଜାତୀୟ ଯୁବ ପରିବେଶବିତ ସମ୍ମାନ ‘ ପାଇଁ ମନୋନୀତ ହୋଇ ଦେଶ, ରାଜ୍ୟ ଓ କୋରାପୁଟ ଜିଲ୍ଲାର ନାମ ବିଶ୍ୱରେ ପରିଚିତ କରିପାରିଛନ୍ତି। ପ୍ରତି ବର୍ଷ ‘ଆକ୍ସନ ଫର ନେଚେର,‘ ଅନୁଷ୍ଠାନ ସାନଫ୍ରାନ୍ସିକ, ଆମେରିକା ତରଫରୁ ବିଶ୍ୱର ୮ ରୁ ୧୬ ବର୍ଷ ମଧ୍ୟରେ ଯୁବ ପରିବେଶବିତଙ୍କୁ ନେଇ ପ୍ରତିଯୋଗିତା ହୁଏ। ଏଥିରେ ବିଶ୍ୱର ସମସ୍ତ ଦେଶର ପରିବେଶ ନିମନ୍ତେ କାର୍ଯ୍ୟ କରୁଥିବା ଶିଶୁ ମାନେ ନିଜର ପରିବେଶ ନିମନ୍ତେ କରୁଥିବା କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥାନ୍ତି। ଚଳିତ ବର୍ଷ ବିଶ୍ୱର ୪୩ଟି ଦେଶ, ଆମେରିକାର ୨୨ ଟି ରାଜ୍ୟ ର ୪୫୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୧୪ବର୍ଷ କମ ବର୍ଗ ରେ ପ୍ରକାଶ ବିଦ୍ୟାଳୟ ଜୟପୁର ରେ ପଢୁଥିବା, ନବମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି, ନିଜର ‘ଜୈବ ବିବିଧତା ରେ ପାରମ୍ପାରିକ ଦେଶୀ ବିହନ ସଂରକ୍ଷଣ, ବ୍ୟାପକ ଚାଷ, ଓ ବିସ୍ତୃତ ଖାଦ୍ୟ ର ସଚେତନତା ‘ ନିମନ୍ତେ ଦ୍ୱିତୀୟ ହୋଇ ପୁରସ୍କାର ସ୍ୱରୂପ ୪୦୦ ଆମେରିକା ଡଲାର, ମାନପତ୍ର, ବିଶ୍ୱରେ ନିଜର କାର୍ଯ୍ୟର ପ୍ରସାର ନିମନ୍ତେ ଅନୁଷ୍ଠାନ ତରଫରୁ ସହଯଗ ପାଇବେ। ସୂଚନା ଥାଉକି, ହର୍ଷିତା ପ୍ରିୟଦର୍ଶିନୀ ଦେଶୀ ଧାନ, ମାଣ୍ଡିଆ, ଓ ଶୁଁଆ ର ସଂରକ୍ଷଣ, ବ୍ୟାପକ ଚାଷ, ଓ ବିସ୍ତୃତ ଖାଦ୍ୟ ର ପ୍ରସାର ନିମନ୍ତେ କାର୍ଯ୍ୟ କରିଆସୁଛନ୍ତି। ଏଥିନିମନ୍ତେ ସେ ଦେଶ, ରାଜ୍ୟ, ଜିଲ୍ଲା ସ୍ତର ରେ ଅନେକ ଥର ସମ୍ମାନୀତ ହେଇଛନ୍ତି। କ୍ଲେଲ ଅଫ ଓଡ଼ିଶା, କୃଷକ ରତ୍ନ, ଆଇଡିଆ ୟଙ୍ଗ ଷ୍ଟାର -୨୦୨୪, ପ୍ରକୃତି ବନ୍ଧୁ, ଫୁଡ୍ ହୀରୋ ,ଇଣ୍ଡିଆ ବୁକ ଅଫ ରେକଡ, ପ୍ରଫେସର୍ ରାଧାମୋହନ ବିହନ ବ୍ୟାଙ୍କ ସମ୍ମାନ ସହ ଜାତୀୟ, ରାଜ୍ୟ ସରକାର, ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନଙ୍କ ଠାରୁ ସମ୍ମାନିତ, ପୁରସ୍କୃତ ହେଇଛନ୍ତି। ଚଳିତ ବର୍ଷ ଭାରତର ଜଣେ ମାତ୍ର ପୁରସ୍କାର ନିମନ୍ତେ ମନୋନୀତ ହୋଇ ଦେଶ, ରାଜ୍ୟ, ଜିଲ୍ଲାର ନାମ ରଖିଛନ୍ତି। ଏଥି ନିମନ୍ତେ ବୁଦ୍ଧିଜିବୀ, ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ ତରଫରୁ ତାଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

## ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଅମଲା ସଂଘ

ଖୋର୍ଦ୍ଧା, ୧୨/୦୮ (ନି.ପ୍ର): ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ରାଜସ୍ୱ ଅମଲା ସଂଘ। ଦାବି ପୂରଣ ନ ହେବାରୁ ସୋମବାରଠାରୁ ଅନର୍ଦ୍ଧିଷ୍ଟ କାଳ ଯାଏ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ସଂଘ କର୍ମଚାରୀ ସମୁହ ଛୁଟିରେ ରହିଛନ୍ତି। ଦାବି ପୂରଣ ନେଇ ପୂର୍ବରୁ ଅନେକ ଥର ସରକାରଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ନ ହେବାରୁ ଖୋର୍ଦ୍ଧା ଜିଲାର ସମସ୍ତ ଅମଲା ଆନ୍ଦୋଳନକୁ ଓହ୍ଲାଇଛନ୍ତି।ଜିଲାରେ ଶତାଧିକ ଅମଲା ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ। ଅନ୍ୟପକ୍ଷେ ଆନ୍ଦୋଳନ ଯୋଗୁ ସମସ୍ତ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଖାଁ ଖାଁ ରହିଛି। ଅମଲମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ଓଡ଼ିଶା ରାଜ୍ୟ ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ତେବେ ଦାବି ମୁତାବକ, ମୂଳ ଦରମା ଓଆରଏସପି- ୨୦୧୭ ନିୟମ ଅନୁଯାଇ ଲେବେଲ- ୯କୁ ବୃଦ୍ଧି କରିବା। ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତ ପ୍ରତିଶତ ପଦୋନ୍ନତି। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି।

# ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଅଭିଯୋଗ ଉପରେ କେନ୍ଦୁଝର ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

କେନ୍ଦୁଝର, ୧୨/୦୮ (ନି.ପ୍ର): ଏବେ ଦେଶରେ ଭୋଟ ଚୋରି ନେଇ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନକୁ ଟାର୍ଗେଟ କରିଛନ୍ତି। ଦେଶର ବିରୋଧୀ ଦଳ ନେତାଙ୍କ ଏହି ଅଭିଯୋଗ ଉପରେ ସମଗ୍ର ଦେଶ ନଜର ରଖିଛି। ବିଭିନ୍ନ ରାଜ୍ୟରେ ଅଚାନକ ଭୋଟର ସଂଖ୍ୟା ବଢ଼ିଯିବା ଗୋଟେ ଗୋଟେ ଘରେ ଶହ ଶହ ଲୋକ ରହିବା, ଘର ଠିକଣା ବଦଳରେ ଶୂନ ଲେଖିବା, ଜଣେ ଜଣେ ଭୋଟରଙ୍କ ନାମ ଅନେକ ସ୍ଥାନରେ ରହିବା ପରି ସଂଗୀନ ଆରୋପ ରାହୁଲ ଗାନ୍ଧୀ ରଖିଛନ୍ତି। ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀ ପାଂଚଟି ପ୍ରଶ୍ନ କରିଛନ୍ତି ଯଥା ୧- ନିର୍ବାଚନ ଆୟୋଗ କାହିଁକି ସଠିକ ଭୋଟର ଲିଷ୍ଟ ବିରୋଧୀ ଦଳଙ୍କୁ ଦେଉନାହାନ୍ତି ? ଡିଜିଟାଲ ରିଡ଼େବଲ ଫର୍ମାଟରେ ଦେଲେ ସବୁ ଜନତା ଏହାକୁ ପଢ଼ିପାରନ୍ତେ। ୨- ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଭିଡ଼ିଓଗ୍ରାଫି ନିର୍ବାଚନ କମିଶନ ସରଂକ୍ଷିତ ରଖିବା ବଦଳରେ କାହିଁକି ନଷ୍ଟ କଲେ ଉତ୍ତର ଦିଅନ୍ତୁ। ୩- ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି କିପରି ହେଲା ନିର୍ବାଚନ ଆୟୋଗ ଉତ୍ତର ରଖିବାକୁ ରାହୁଲ କହିଛନ୍ତି। ୪- ନିର୍ବାଚନ କମିଶନ କାହିଁକି ବିରୋଧୀ ଦଳ ନେତା ମାନଙ୍କୁ ଧମକ ଦେଉଛନ୍ତି। ୫- ଇଲେକସନ କମିଶନ ବିଜେପି ଦଳର ଏଜେଣ୍ଟ ଭଳି କାମ କରୁଛନ୍ତି ଏହାର କାରଣ କ’ଣ ? ତେଣୁ ଆଜି ଜିଲ୍ଲା କଂଗ୍ରେସ ଭବନରେ ରାହୁଲ ଗାନ୍ଧୀଙ୍କ ପଦକ୍ଷେପ ଜଣାଇ ଦେବାକୁ ଏଥିସହ ନିର୍ବାଚନ ଆୟୋଗର ବେନିୟମ କାର୍ଯ୍ୟର ପର୍ଦାଫାଶ ଲାଗି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ମୁଖ୍ୟ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ଯୋଗ ଦେଇଥିଲା ବେଳେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ଅଭିଭାଷଣ ଓ ଅଭିଯୋଗ ଉପରେ ଏଠାରେ ଡିଜିଟାଲ ପରଦାରେ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ସଂଗୀତା ସିଂହ ଦେଶରେ ଅରାଜକତା ଚାଲିଛି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହା ବିରୁଦ୍ଧରେ ଲଢେଇ କରୁଛନ୍ତି ତେଣୁ ତାଙ୍କ ହାତ ମୁଠାକୁ ଟାଣ କରି ଗଣତନ୍ତ୍ରକୁ ରକ୍ଷା ଲାଗି ସେ ଆହ୍ୱାନ ଦେଇଥିଲେ। ଶ୍ରୀ ଲାଗୁରୀ ଏପରି ମାରାତ୍ମକ ଅଭିଯୋଗ ପାଇବା ପରେ କିପରି ଭାରତର ନିର୍ବାଚନ ଆୟୋଗ ଚୁପ ବସିଛନ୍ତି ପ୍ରଶ୍ନ କରିଥିଲେ। ଆଜି ଶହ ଶହ ସାଂସଦ ପାର୍ଲାମେଂଟରୁ ପଦଯାତ୍ରା କରି ନିର୍ବାଚନ ଆୟୋଗ ଯାଉଛନ୍ତି ବିରୋଧୀ ଦଳ ନେତା ତେଣୁ କୋର୍ଟ କଚେରୀ ଯାଇ ଭୋଟ ଚୋରି ରୋକିବେନି ବରଂ ରାଜନୈତିକ ଉପାୟରେ ଏହାର ସମାଧାନ କରିବେ ବୋଲି ସେ କହିଛନ୍ତି। ସେହିପରି ମୋହନ ଚରଣ ପରିଡ଼ା କେନ୍ଦୁଝର ଜିଲ୍ଲାରେ ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି ଥିବାର ସମ୍ଭାବନା ଥିବାର କଥା କହିଥିଲେ। ଆଜି ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ସାହୁ, ସୁଢଳ କୁମାର ସେଠୀ, ଉତମ କୁମାର ସାହୁ, ଐତିହ୍ୟ ଦିବ୍ୟ ସିଂହ, ରତ୍ନାକର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦେଶର ପରିସ୍ଥିତି ନେଇ ନିର୍ବାଚନ ଆୟୋଗ ନିରପେକ୍ଷ ନହେଲେ, ବିରୋଧୀ ଦଳ ପ୍ରତି ଦମନମୂଳକ ମନୋଭାବ ପରିହାର ନକଲେ ଜିଲ୍ଲାରେ ମଧ୍ୟ ଆନ୍ଦୋଳନ ହୋଇପାରେ ତେଣୁ ସାମ୍ବାଦିକ ବନ୍ଧୁ ମାନଙ୍କ ସହଯୋଗ କାମନା କରି ସେମାନଙ୍କୁ ଧନ୍ୟବାଦ ଦେଇ ସଭା ସମାପ୍ତ କରାଯାଇଥିଲା।

# ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ବହୁ ବିଶେଷଜ୍ଞ ପଦବୀ ଖାଲି, ଆନ୍ଧ୍ର ମୁହାଁ ରୋଗୀ

ମାଲକାନଗିରି, ୧୨/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇପାରୁନି ଉନ୍ନତମାନର ସ୍ୱାସ୍ଥ୍ୟସେବା ଅଭାବରୁ ୭୦ ପ୍ରତିଶତ ରୋଗୀ ଆନ୍ଧ୍ର ଉପରେ ନିର୍ଭରଶୀଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ସମେତ ଅଭିଜ୍ଞ ଡାକ୍ତରଙ୍କ ଅଭାବ ଏଥି ପାଇଁ ମୁଖ୍ୟତଃ ଦାୟୀ। ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ପଦବି ପୂରଣ ଦିଗରେ ସରକାର ଦୃଷ୍ଟି ଦେଉନଥିବାରୁ ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ମିଳିପାରୁନି। ଆନ୍ଧ୍ର ଡାକ୍ତରଙ୍କ ମଧ୍ୟସ୍ଥି ସାଜିଛନ୍ତି ଜିଲ୍ଲାର କିଛି ଔଷଧ ଦୋକାନୀ ଓ ଗାଡି ମାଲିକ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ୨୦୧୬ରେ କୋରାପୁଟରେ ସହିଦଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସ୍ଥାପନ କରିଥିଲେ ସରକାର ୨୦୨୧ ମସିହାରେ ପ୍ରଥମ ଡାକ୍ତରୀ ଛାତ୍ରଙ୍କ ପ୍ରଥମ ବ୍ୟାଚ୍ ପାସ୍ ଆଉଟ୍ ହୋଇଥିଲେ। ଏହା ପରଠାରୁ ନିୟମିତ ବ୍ୟବଧାନରେ ଡାକ୍ତରୀ ଛାତ୍ରଛାତ୍ରୀ ପାସ୍ ଆଉଟ୍ ହେଉଛନ୍ତି। କିନ୍ତୁ ପିଏଚସିରେ ମଧ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନି। ଫଳରେ ରୋଗୀ ଆନ୍ଧ୍ର ମୁହାଁ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହୁ ବିଭାଗରେ ଡାକ୍ତର ପଦବି ଖାଲି ପଡିଥିବା ବେଳେ ଯେଉଁ କିଛି ନିୟୋଜିତ ଅଛନ୍ତି ଅଧିକାଂଶ ଔଷଧ ଦୋକାନରେ ଘରୋଇ ଚିକିତ୍ସା ରେ ବ୍ୟସ୍ତ। ମାଲକାନଗିରି, ମେଡିକାଲରେ ଖାଲି ପଡିଥିବା ଡାକ୍ତର ପଦବି ପୂରଣ ହୋଇପାରୁନି କେବଳ ନୂତନ କୋଠା, ଉନ୍ନତମାନର ଭିତ୍ତିଭୂମିକୁ ଛାଡ଼ିଲେ ଡାକ୍ତରୀ ପଦବି ପୂରଣ ଦିଗରେ କୌଣସି ସୁଫଳ ମିଳିପାରିନି। କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ, ଉପଖଣ୍ଡ ଚିକିତ୍ସାଳୟ, ସିଏଚସିରେପ୍ରାକ୍ଟିସ କରୁଛନ୍ତି। ମେଡିକାଲ୍ ଗଲେ ଠିକ୍ ଭାବରେ ଦେଖୁନଥିବାରୁ ରୋଗୀମାନେ ସିଧା ଔଷଧ ଦୋକାନ ଗୁଡ଼ିକରେ ଖୋଲା ଯାଇଥିବା କ୍ଲିନିକ୍‌ରେ ପହଂଚୁଛନ୍ତି ପ୍ରତି ରୋଗୀଙ୍କ ବାବଦକୁ କ୍ଲିନିକ୍ କର୍ତ୍ତୃପକ୍ଷ ୨୦୦ ରୁ ୪୦୦ ଟଙ୍କା ଡାକ୍ତରୀ ଫି’ ଆଦାୟ କରୁଛନ୍ତି। ଅନ୍ୟପକ୍ଷରେ କ୍ଲିନିକ୍ ପାଖରେ ଥିବା ଔଷଧ ଦୋକାନର ଯେତିକି ମେଡିସିନ୍ ସରୁଛି ସେହି ଅନୁଯାୟୀ କମିଶନ୍ ଡାକ୍ତରଙ୍କ ଆକାଉଣ୍ଟକୁ ଚାଲି ଯାଉଛି ଫଳରେ ସରକାରୀ ଡ୍ୟୁଟି ସରିବା ସଙ୍ଗେ ସଙ୍ଗେ ଡାକ୍ତର କ୍ଲିନିକ୍‌ରେ ପହଂଚି ଯାଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଲ୍ୟାବ୍ ଥିଲେ ମଧ ଡାକ୍ତର ଘରୋଇ ଲ୍ୟାବ୍ ଓ ପାଥୋଲୋଜିର ରିପୋର୍ଟକୁ ହିଁ ପ୍ରାଧାନ୍ୟ ଦେଉଛନ୍ତି ଉଭୟ ରିପୋର୍ଟ ମଧ୍ୟରେ କୌଣସି ତଫାତ୍ ନଥିଲେ ମଧ ସରକାରୀ ମେଡିକାଲରେ ମାଗଣାରେ ହେଉଥିବା ଟେଷ୍ଟିଙ୍ଗ ବାବଦକୁ ଘରୋଇ ପାଥୋଲାବ୍ ଚଢ଼ା ଦର ନେଉଥିବା ଅଭିଯୋଗ ହେଉଛି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୮ତମ କୋରାପୁଟ ଜିଲ୍ଲା ସମ୍ମିଳନୀ

ଜୟପୁର, ୧୨/୦୮ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୮ତମ କୋରାପୁଟ ଜିଲ୍ଲାର ସମ୍ମିଳନୀରେ ସମାଜର ସକଳ ବର୍ଗର ଜନଗଣଙ୍କ ଉପରେ ସମସ୍ୟାର ବୋଝ ଲଦି ଥିବା ବିଜେପିର ଶାସନ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ଏହି ଦ୍ୱିତୀୟ ଦିବସ ଅଧିବେଶନରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ସଂଗଠନକୁ ଚଳଚଂଚଳ କରିବା ପାଇଁ କେତେକ ଗାଇଡ ଲାଇନ ଉପସ୍ଥାପନ କରିଥିଲେ। ଜନସମସ୍ୟା ଗୁଡିକ ଚର୍ଚ୍ଚା ହୋଇଥିଲା। ଶିଶୁଙ୍କ ଠାରୁ ଆରମ୍ଭ କରି, ଛାତ୍ର-ଛାତ୍ରୀ, ଯୁବକ-ଯୁବତୀ, ଶ୍ରମିକ, କୃଷକ, ଆଦିବାସୀ, ଦଳିତ, ମହିଳା ବୁଦ୍ଧିଜୀବି ସକଳ ବର୍ଗ ଶାସନ ଉପରେ ଅତିଷ୍ଠ ହେଲେଣି। ପ୍ରାକ ବିଦ୍ୟାଳୟ ଶିଶୁମାନଙ୍କ ଅଙ୍ଗନୱାଡି ବନ୍ଦ କରିବା, ଛାତ୍ରୀ ଓ ଯୁବତୀଙ୍କ ଉପରେ ଯୌନ ଉତ୍ପୀଡନ ଓ ହତ୍ୟା, ନୂତନ ଶିକ୍ଷାନୀତି ନାମରେ ଶିକ୍ଷା ସଂକୋଚନ, ରାଷ୍ଟ୍ରାୟତ ସଂସ୍ଥାର ଘରୋଇକରଣ କରାଇ ନୂତନ ନିଯୁକ୍ତି ବନ୍ଦ, ଶ୍ରମିକଙ୍କ ଅଧିକାରର ଆଇନକୁ ବାତିଲ୍ କରାଯାଇ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରଣୟନ, ଆଦିବାସୀଙ୍କୁ ଭିଟାମାଟିରୁ ଉଚ୍ଛେଦ, ଦଳିତଙ୍କ ପ୍ରତି ଘୃଣା ଓ ଦ୍ୱେଷ, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ, ବୁଦ୍ଧିଜୀବିଙ୍କ ଉପରେ ବିଜେପି ଡ୍ବଲ ଇଞ୍ଜିନ ସରକାରଙ୍କ ଆକ୍ରମଣ, ସେବା କାଗଜ କଳକୁ ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବାର୍ଦ୍ଦେ‌ଳମ୍ବ ଉପରେ ଉଦ୍ବେଗ ପ୍ରକାଶ କରାଯାଇଛି। ଏହି ସମସ୍ତ ସମସ୍ୟା ନେଇ ଅକ୍ଟୋବର ପ୍ରଥମାର୍ଦ୍ଧରେ ଜିଲ୍ଲା ସ୍ତରୀୟ ଆନ୍ଦୋଳନ ପାଇଁ ସ୍ଥିର ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅସାଧୁ ବନ୍ଧୁ ତଥା ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କର ଭାରତୀୟ ଜନଗଣଙ୍କ ଉପରେ ତାରିଫ ବୋଝକୁ ନିନ୍ଦା କରିବା ସହ ୧୩ ଅଗଷ୍ଟ ପ୍ରତିବାଦ ପାଇଁ ପ୍ରସ୍ତାବ ଗୃହିତ ହୋଇ ଅଛି। ରାଜ୍ୟ ସମ୍ମିଳନୀ ପାଇଁ ଜିଲ୍ଲାରୁ ୭ ଜଣ ପ୍ରତିନିଧି ଓ ଜଣେ ବିକଳ୍ପ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି। ଆଗାମୀ ଜିଲ୍ଲା ସମ୍ମିଳନୀ ପର୍ଯ୍ୟନ୍ତ ୧୯ ଜଣିଆ ଜିଲ୍ଲା ପରିଷଦ ଓ ୯ଜଣିଆ କାର୍ଯ୍ୟକାରୀ କମିଟି ଏବଂ ଜଣେ ଜିଲ୍ଲା ସମ୍ପାଦକ, ଦୁଇ ଜଣ ସହ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ:- ଜିଲ୍ଲା ସମ୍ପାଦକ ରାମ କୃଷ୍ଣ ଦାଶ, ସହ ସମ୍ପାଦକ- କୁମର ଜାନୀ, ଦରା ବଡନାୟକ, କାର୍ଯ୍ୟକାରୀ କମିଟି ସଦସ୍ଯ - ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ବୈଦ୍ୟନାଥ ଟାକ୍ରୀ, ପବନ ମହୁରୀଆ, ଓ ନିମନ୍ତ୍ରିତ ଭାବେ ବଳଭଦ୍ର ଭୋଇ, ନନ୍ଦ ହରିଜନ ଓ ମିତା ଜାନି ନିର୍ବାଚିତ ହୋଇଛନ୍ତି। ୨୪ତମ ରାଜ୍ଯ ସମ୍ମିଳନୀ ର ବିଶାଳ ସଂଘର୍ଷ ସଂକଳ୍ପ ସମାବେଶରେ କୋରାପୁଟ ଜିଲ୍ଲାରୁ ଅନ୍ୟୁନ ହଜାରେ ସାଥି ସମର୍ଥକ ଯୋଗ ଦେବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା। ଶେଷରେ କମ୍ୟୁନିଷ୍ଟ ଆନ୍ତର୍ଜାତିକ ଗାନ ପରେ ପୁର୍ବତନ ସମ୍ପାଦକ ଯୁଧିଷ୍ଠିର ରାଉଳ ପତାକା ଅବତରଣ କରି ନ୍ବର୍ନ୍ଵାଚିତ ସମ୍ପାଦକ ରାମ କୃଷ୍ଣ ଦାଶଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ନବ ନିର୍ବାଚିତ ସମ୍ପାଦକ ରାମକୃଷ୍ଣ ଦାଶ ସମ୍ମିଳନୀର ସଭାପତି ପ୍ରମୋଦ ମହାନ୍ତି ଓ ପ୍ରତିନିଧି ମାନଙ୍କୁ ଧନ୍ୟବାଦ୍ ଅର୍ପଣ ପରେ ସମ୍ମିଳନୀ ଉଦଯାପିତ ହୋଇଥିଲା।

# ଆରମ୍ଭ ହେଲା ସ୍ୱାଧୀନତା ଦିବସ ଅଭ୍ୟାସ ପ୍ୟାରେଡ୍

ପୁରୀ, ୧୨/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ଅଭ୍ୟାସ ପ୍ୟାରେଡ଼। ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆଜି ଅପରାହ୍ନ ୩ଟା ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼ ଅଭ୍ୟାସ କରିଥିଲେ। ପୋଲିସ ରିଜର୍ଭ ଇନିସପେକ୍ଟର ତଥା ପ୍ୟାରେଡ଼ କମାଣ୍ଡର ଚିତ ରଞ୍ଜନ ମହାନ୍ତିଙ୍କ ତତ୍ୱାବଧାନରେ ଏହି ଅଭ୍ୟାସ ଆରମ୍ଭ ହୋଇଛି। ଏହି ଅଭ୍ୟାସ ମଧ୍ୟ ଆସନ୍ତାକାଲି ୧୨ ତାରିଖ ଅପରାହ୍ନ ୩ଟା ଓ ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ବ୍ୟବସ୍ଥା, ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ଓ ପ୍ୟାରେଡ଼ ଗ୍ରାଉଣ୍ଡରେ ଜଳ ସିଂଚନ ବ୍ୟବସ୍ଥା, ମୁଖ୍ୟ ଚିକିତ୍ସା ବିଭାଗ ପକ୍ଷରୁ ଚିକିତ୍ସା ସୁବିଧା, ୱାଟକୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା କରାଯାଇଛି। ଅଭ୍ୟାସ ପ୍ୟାରେଡ଼ ଅବସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ବ୍ୟାଙ୍କଙ୍କ ସହଯୋଗରେ ପିଲା ମାନଙ୍କୁ ବିସ୍କୁଟ ମଧ ପ୍ରଦାନ କରାଯାଇଥିଲା। ଏହି ଅଭ୍ୟାସ ପାରେଡରେ ଆରକ୍ଷୀ ବାହିନୀ, ଶ୍ରୀମନ୍ଦିର ସୁରକ୍ଷା ବାହିନୀ, ସେଂଟ ଜନ ଆମ୍ବୁଲାନ୍ସ ପୁରୀ ସେବା ସମିତି, ପୋଲିସ ବ୍ୟାଣ୍ଡ ଦଳ, ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ, ଗାଇଡ ର କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ଦିବସ ପାରେଡରେ ଶ୍ରେଷ୍ଠ ଦଳଙ୍କୁ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ୧୫ ଅଗଷ୍ଟରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ସମ୍ବର୍ଦ୍ଧିତ କରିବେ।

## ଡି.ସି କେବୁଲ ଚୋରି ଫଳରେ ମୋବାଇଲ୍ ସେବା ବାଧା ପ୍ରାପ୍ତ

ଚମ୍ପୁଆ, ୧୨/୦୮ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ଟେଲିଫୋନ ଏକ୍ସଚେଞ୍ଜରେ ପାୱାର ପ୍ଲାଂଟର ଡିସି କେବୁଲ ଚୋରୀ ହୋଇଥିବା ଜଣା ପଡିଛି। ଡିସି କେବୁଲ ଚୋରି ହେବା ଫଳରେ ଯୋଡ଼ା, ବଡ଼ବିଲ ଓ ଏହାର ଆଖପାଖ ଅଂଚଳରେ ବିଏସଏନ୍‌ଏଲ୍ ମୋବାଇଲ୍ ନେଟୱର୍କ ଓ ଇଂଟରନେଟ୍ ସେବା ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିବା ବେଳେ ନୂତନ କେବୁଲ୍ ପକାଇ ଏହାକୁ କାର୍ଯ୍ୟକ୍ଷମ କରାଯିବା ପରେ ମୋବାଇଲ୍ ଓ ଇଂଟରନେଟ ସେବା ସ୍ୱାଭାବିକ ହୋଇଥିଲା। ସୂଚନା ଯୋଗ୍ୟ କି ପୂର୍ବରୁ ମଧ ଏଠାରେ ଏକାଧିକ ଥର ଚୋରି ଘଟଣା ଘଟିଛି । ଏ ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ବାରମ୍ବାର ପୋଲିସ ପେଟ୍ରୋଲିଂ ସତ୍ୱେ ଚୋର ମାନେ କିପରି ଚୋରୀ କରିବାକୁ ସାହସ କରି ପାରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇନ୍ଦ୍ରଧନୁ ପ୍ରସ୍ତୁତ ଅନୁସନ୍ଧାନର-୩ ର ଉଦ୍‌ଯାପନୀ ଦିବସ

କେନ୍ଦୁଝର, ୧୨/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇନ୍ଦ୍ରଧନୁ ପ୍ରସ୍ତୁତ ଅନୁସନ୍ଧାନର-୩ ର ଉଦଯାପନୀ ଦିବସ ହୋଇଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ତିନି ଦିନ ଧରି ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ , ଅନୁସନ୍ଧାନ - ୩ ଚାଲିଥିଲା, ଜିଲ୍ଲାର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନର ପାଖାପାଖି ୭୦୦ ଛାତ୍ର ଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଛନ୍ତି। ୨୦୨୩ ରୁ ଆରମ୍ଭ ଏହି ପ୍ରତିଯୋଗିତା ପୂର୍ଣ୍ଣ କାର୍ଯ୍ୟକ୍ରମର ଏହା ହେଉଛି ତୃତୀୟ ସଂସ୍କରଣ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ରବୀନ୍ଦ୍ର ବିଦ୍ୟା ନିକେତନ, ସେଂଟ ଜାଭିୟର୍ସ ହାଇସ୍କୁଲ, ଡି ଏ ଭି ସ୍କୁଲ, ନିର୍ମଳା କନଭେଂଟ ସ୍କୁଲ, ଡି ଏନ ହାଇସ୍କୁଲ, ପୋଲିସ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍ ବି ଇଂଟରନେସନଲ ସ୍କୁଲ ଏମିତି ଅନେକ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ। ଅନୁସନ୍ଧାନ ୩ ରେ ବକ୍ତୃତା, ସାଧାରଣ ଜ୍ଞାନ, ରଚନା, କୁଇଜ୍ , ନୃତ୍ୟ, ସଙ୍ଗୀତ, ଡ୍ରଇଂ ଏବଂ ଫେନ୍ସି ଡ୍ରେସ୍ ଭଳି ୮ ଟି ପ୍ରତିଯୋଗିତାର ଆୟୋଜନ କରିଥିଲା ଇନ୍ଦ୍ରଧନୁ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସଦସ୍ୟ /ସଦସ୍ୟମାନେ ହେଲେ ଅନିତା, ସୁନନ୍ଦା, ସ୍ମିତା, ଦୁରନ୍ତିକା, ସ୍ୱାତୀ, ଭାଗ୍ୟଲିପି, ଚକ୍ରଧର, ସୌମ୍ୟ, ତାପସ, ଶୁଭଲକ୍ଷ୍ମୀ, ମନସ୍ୱିନୀ,ସଞ୍ଜୀବ ସାହୁ, ସଞ୍ଜୀବ ମିଶ୍ର, ସ୍ମିତିରୂପା, ସଂଘମିତ୍ରା, ରିତୁ, ସୁଜାତା, ସ୍ୱାତୀ ଦ୍ୱିବେଦୀ, ମମିତା, ନଳିନୀ, ତନୟା ଏବଂ ନିରୀକ୍ଷକ ଦାୟିତ୍ୱରେ ଥିବା ସଦସ୍ୟମାନେ ହେଲେ ମୋନାଲିସା, ଶ୍ରାବଣୀ, ଲକ୍ଷ୍ମୀପ୍ରିୟା, ସ୍ମୃତି ସୌମ୍ୟା, ପ୍ରଜ୍ଞା, ତାନ୍ୟା ତତ୍ ସହିତ ନୃତ୍ୟ ବିଚାରକ ଭାବେ ଶୁଭସ୍ମିତା ସାହୁ, ସାତ୍ୱମ ରେଡ୍ଡୀ, ୨୦୨୨ ରଜ କୁଇନ କେଉଁ ତନିଷ୍କା ଏବଂ ସୁଦୂର ଭୁବନେଶ୍ୱରରୁ ଆସିଥିବା ଓଡ଼ିଶୀ ନୃତ୍ୟ ଗୁରୁ ତେଜସ୍ୱୀନି ପଲେଇ ତଥା ସଙ୍ଗୀତରେ ହର ହର ଶମ୍ଭୁର ଫେମ ଜିତୁ ଶର୍ମା ଅତିଥି ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମଂଚ ପରିଚାଳନା ଦାୟିତ୍ୱରେ ଥିଲେଇନ୍ଦ୍ରଧନୁର ପ୍ରିନ୍ସିପାଲ୍ ଗୁରୁ ଶୁଭଶ୍ରୀ ପଟ୍ଟନାୟକ। ଉଦଯାପନୀ ସନ୍ଧ୍ୟାର ଅତିଥିଭାବେ ଇନ୍ଦ୍ରଧନୁ ଅନୁଷ୍ଠାନ ମାର୍ଗ ଦର୍ଶକ ମଣ୍ଡଳୀ ଅମ୍ବିକା ମହାପାତ୍ର ସିଂ, ଅଜୟ କୁମାର ଦାସ, ସୁଶାନ୍ତ କୁମାର ପାତ୍ର, ଅମିୟ ନାୟକ ଏବଂ ସମାଜସେବୀ ଅଜୟ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପରିଶେଷରେ ଉତ୍ସବର ସଫଳତା ପାଇଁ ଇନ୍ଦ୍ରଧନୁର ପ୍ରତିଷ୍ଠାତା ଇଂ ପ୍ରିୟଦର୍ଶୀ ଆର ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ ନିଜ ଜିଲ୍ଲାର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାର ଏହା ଏକ ଅଭିନବ ପ୍ରୟାସ ତଥା ଜିଲ୍ଲାର ଛାତ୍ର ଛାତ୍ରୀମାନଙ୍କ ଭିତରେ ପ୍ରତିଦ୍ୱନ୍ଦିତା ମୂଳକ ମନୋଭାବ ଜାଗ୍ରତ କରେଇ ତାଙ୍କୁ ଏକ ଉଚିତ ମଂଚ ଦେଇ ତାଙ୍କୁ ରାଜ୍ୟ ଏବଂ ଜାତୀୟ ସ୍ତରରେ ତିଆରି କରିବାପାଇଁ ଇନ୍ଦ୍ରଧନୁ ସବୁବେଳେ ପ୍ରଚେଷ୍ଟା ଜାରି ରଖିଛି। ଶ୍ରୀ ପଟ୍ଟନାୟକ ସମସ୍ତ ଅଭିଭାବକ, ଛାତ୍ର ଛାତ୍ରୀ, ବିଭିନ୍ନ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ନିଜ ଅନୁଷ୍ଠାନର ସଦସ୍ୟ/ସଦସ୍ୟା ମାନଙ୍କୁ ଧନ୍ୟବାଦ ଜଣେଇଥିଲେ।

# ଉଦ୍‌ଘାଟନ ହେଲା ସନ୍ତୋଷୀ ମା’ ନଗର ସିସିଟିଭି କ୍ୟାମେରା

ଜୟପୁର, ୧୨/୦୮ (ନି.ପ୍ର): ଜୟପୁର ସନ୍ତୋଷୀ ମା ନଗର ଉନ୍ନୟନ କମିଟି ପକ୍ଷରୁ ଦୀର୍ଘଦିନର ଦାବି ପରେ ସିସିଟିଭି କ୍ୟାମେରା ଲଗାଯିବା ସହ ତାକୁ କାର୍ଯ୍ୟକାରୀ କରାଯାଇଛି। ଗତକାଲି ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନୀତି ଅତିଥିଭାବେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ, ଏସଡିପିଓ ପାର୍ଥ କଶ୍ୟପ, କାଉନସିଲର ପ୍ରତପି ଗୌଡଙ୍କ ସମେତ ସନ୍ତୋଷୀମା ନଗର କମିଟିର ପରିଚାଳନା କର୍ମକର୍ତା ଉପସ୍ଥିତ ଥିଲେ। ବିଗତ ଦିନରେ କମିଟି ପକ୍ଷରୁ ଏକ ବୈଠକ ଡକାଯାଇ ଏହି ଅଂଚଳରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ବିଧାୟକ ତାଙ୍କ ନିଜସ୍ୱ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରି ଏହି ଅଂଚଳରେ ସିସିଟିଭି କ୍ୟାମେରା ପ୍ରଦାନ କରିଥିବା ଯୋଗୁଁ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ କମିଟିର ଉପ ସଭାପତି ସତିଶ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଅଂଚଳର ବିଭିନ୍ନ ସମସ୍ୟାର ପ୍ରତିକାର ଓ ସର୍ବାଙ୍ଗିନ ବିକାଶ ସାଧନ ଉପରେ ଆଲୋକପାତ କରିଥିଲେ। ଏହି ଅଂଚଳର ଅଧିବାସୀଙ୍କ ମଧ୍ୟରେ ସୁ ସମ୍ପର୍କ ସହଯୋଗ ଓ ସଦଭାବ ପ୍ରତିଷ୍ଠା ମାଧ୍ୟମରେ ସନ୍ତୋଷୀମା ନଗର ଉନ୍ନୟନ କମିଟି ଗଠନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଦଶହରା ପୂଜା କରାଯାଉଥିବା ଯୋଗୁଁ ସମସ୍ତ ଅତିଥି ଓ କମିଟିର କର୍ମକର୍ତାଙ୍କୁ ସହଯୋଗ କରିବାକୁ ଶ୍ରୀ ସାହୁ ନିବେଦନ କରିଥିଲେ। ସମସ୍ତଙ୍କ ସହଯୋଗରେ ଏହି ଅଞ୍ଚଳ ସଫଳତାର ସହିତ ଆଗକୁ ବଢି ଚାଲିଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ସନ୍ତୋଷୀମା ନଗର ଉନ୍ନୟନ କମିଟିପକ୍ଷରୁ ଚୋରି ହାରି ରୋକିବା ପାଇଁ ପଦକ୍ଷେପ ନିଆଯାଉଥିଲା କିନ୍ତୁ ବର୍ତମାନ ସିସିଟିଭି ଲାଗିବା ପରେ ଚୋରି ରୋକିବାରେ ଏହା ସାହାଯ୍ୟ ହେବ ବୋଲି କମିଟି କର୍ମକର୍ତା ମାନେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଏହି ଅଂଚଳର ବିକାଶ ନିମନ୍ତେ ଆମେ ଅହରହ ଚେଷ୍ଟା ଜାରି ରଖିଛୁ ଆଗାମୀ ଦିନରେ ମଧ ଏହି ଅଂଚଳର ଦାବି ପୁରଣ ହେବ। ଏକ କମ୍ୟୁନିଟି ସେଂଟର ନିର୍ମାଣ ହେବ, ସନ୍ତୋଷୀ ମା ନଗର ନିକଟରେ ଥିବା ପାର୍କର ମଧ ରକ୍ଷଣା ବେକ୍ଷଣ କରାଯିବ,ତା ସହ ମରାମତି ମଧ କରାଯିବ ବୋଲି କହିଥିଲେ।

# ଭାରତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଆସନ୍ତା ପାଞ୍ଚ ବର୍ଷ ପାଇଁ ବାର୍ଷିକ ନିଯୁକ୍ତି ସିଆଇଏସଏଫର ଶକ୍ତି ୨.୨୦ ଲକ୍ଷ ୧୪, ୦୦୦କୁ ବୃଦ୍ଧି

ପାରାଦୀପ, ୧୨/୮ (ନି.ପ୍ର): ଦେଶର ଆର୍ଥିକ ବିକାଶକୁ ସମର୍ଥନ କରିବା ପାଇଁ ଶିଳ୍ପ ସୁରକ୍ଷାକୁ ମଜବୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ର ଶକ୍ତି ବର୍ତ୍ତମାନର ୧, ୬୨, ୦୦୦ ରୁ ୨, ୨୦, ୦୦୦ କର୍ମଚାରୀଙ୍କ ଅନୁମୋଦିତ ସୀମାକୁ ବୃଦ୍ଧି କରିବାକୁ ଅନୁମୋଦନ କରିଛି। ଭାରତର ଅର୍ଥବ୍ୟବସ୍ଥା ନୂତନ ଶିଖରରେ ପହଞ୍ଚିବା ସହିତ, ଏହି ବୃଦ୍ଧି ଦ୍ୱାରା ବିମାନ ଚଳାଚଳ କ୍ଷେତ୍ର, ବନ୍ଦର କ୍ଷେତ୍ର, ତାପଜ ବିଦ୍ୟୁତ କେନ୍ଦ୍ର, ଆଣବିକ ପ୍ରତିଷ୍ଠାନ, ଜଳବିଦ୍ୟୁତ କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ଜାମ୍ମୁ-କାଶ୍ମୀର ଜେଲ ଆଦି କ୍ଷେତ୍ରରେ ସିଆଇଏସଏଫ ନିୟୋଜନ ତ୍ୱରାନ୍ୱିତ ହେବ। ଛତିଶଗଡ଼ ପରି ରାଜ୍ୟରେ ବାମପନ୍ଥୀ ଉଗ୍ରବାଦର ଅବନତି ସହିତ, ନୂତନ ଶିଳ୍ପ ହବ୍‌ଗୁଡିକ ଉଭା ହେବାର ଆଶା କରାଯାଉଛି, ଯାହା ଏହି ୟୁନିଟ୍‌ଗୁଡ଼ିକୁ ବ୍ୟାପକ ଏବଂ ପ୍ରଭାବଶାଳୀ ସୁରକ୍ଷା ଯୋଗାଇବା ପାଇଁ ଏକ ଦୃଢ ସିଆଇଏସଏଫ ଉପସ୍ଥିତି ଆବଶ୍ୟକ କରେ। ଏହି ଅଭିବୃଦ୍ଧି ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ, ବିଶେଷ କରି ଆଗାମୀ ନିଯୁକ୍ତି ଅଭିଯାନ ମାଧ୍ୟମ ରେ କେବଳ ୨୦୨୪ ମସିହାରେ ୧୩,୨୩୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ୨୦୨୫ ମସିହାରେ ଆଉ ୨୪, ୦୯୮ ଜଣ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ଏହି ବାହିନୀ ପ୍ରତିବର୍ଷ ପ୍ରାୟ ୧୪ ହଜାର କର୍ମଚାରୀଙ୍କୁ ଯୋଡ଼ିବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ଯୁବଗୋଷ୍ଠୀଙ୍କୁ ବାହିନୀରେ ସାମିଲ କରାଯିବ ଏବଂ ଏହାକୁ ଅଧିକ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଯିବ। ଏହି ନିଯୁକ୍ତି ପ୍ରୟାସ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ରହିଛି, ଯାହା ସମସ୍ତ ପଦବୀର ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଫୋର୍ସର ପ୍ରଗତିଶୀଳ ନୀତି ଦ୍ୱାରା ସମର୍ଥିତ । ଏହି ବୃଦ୍ଧି କାରଣରୁ ସି.ଆଇ.ଏସ୍.ଏଫ୍. ଗୋଟିଏ ଅତିରିକ୍ତ ବାଟାଲିଅନ୍ ଗଠନ କରିବାର ସ୍ଥିତିରେ ଅଛି, ଯାହା ଆଭ୍ୟନ୍ତରୀଣ ସୁରକ୍ଷା କର୍ତ୍ତବ୍ୟ ଆକସ୍ମିକ ନିୟୋଜନ ଇତ୍ୟାଦି ପାଇଁ ନିୟୋଜନରେ ସହାୟକ ହେବ। ଗତ ବର୍ଷ ସିଆଇଏସଏଫ ନିଜର ସୁରକ୍ଷା ୱିଙ୍ଗ ଅଧୀନରେ ସାତଟି ନୂତନ ୟୁନିଟକୁ ସାମିଲ କରିଛି, ଯେଉଁଥିରେ ସଂସଦ ଭବନ କଂପ୍ଲେକ୍ସ, ଅଯୋଧ୍ୟା ବିମାନବନ୍ଦର, ହଜାରିବାଗରେ ଏନଟିପିସି କୋଇଲା ଖଣି ପ୍ରକଳ୍ପ, ପୁଣେରେ ଆଇସିଏମଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ବକ୍ସର ଥର୍ମାଲ ପାୱାର ପ୍ରୋଜେକ୍ଟ, ଇଟାରେ ଜବାହାର ଥର୍ମାଲ ପାୱାର ପ୍ରୋଜେକ୍ଟ ଏବଂ ମଣ୍ଡିରେ ବ୍ୟାସ ସତଲୁଜ ଲିଙ୍କ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସଂସଦ ଭବନ ପରିସରରେ ଫାୟାର ୱିଙ୍ଗ ଏବଂ ଇଟାର ଜବାହର ତାପଜ ବିଦ୍ୟୁତ ପ୍ରକଳ୍ପ ଅଧୀନରେ ଦୁଇଟି ନୂତନ ୟୁନିଟକୁ ସାମିଲ କରାଯାଇଥିଲା। ଏହି ସମ୍ପ୍ରସାରଣ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ସହିତ ପ୍ରମୁଖ ଜାତୀୟ ସମ୍ପତ୍ତିର ସୁରକ୍ଷାରେ ସିଆଇଏସଏଫର ବର୍ଦ୍ଧିତ ଭୂମିକାକୁ ଦର୍ଶାଉଛି। ଏହି ବୃଦ୍ଧି ବିକାଶଶୀଳ ସୁରକ୍ଷା ପରିଦୃଶ୍ୟ ଅନୁରୂପ ସିଆଇଏସଏଫର ସାମର୍ଥ୍ୟ କୁ ସୁଦୃଢ଼ କରିବା ଏବଂ ଭାରତର ବିକାଶର ତ୍ୱରାନ୍ୱିତ ଗତିକୁ ସମର୍ଥନ କରୁଥିବା ଏକ ଶକ୍ତିଶାଳୀ ଏବଂ ଉତ୍ତରଦାୟୀ ଶକ୍ତି ରହିବା ସୁନିଶ୍ଚିତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଶ୍ରୀ ସିଦ୍ଧବଳଦେବଙ୍କ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ତାପରେ ସବୁ ଅବାକ ହୋଇଯିବାର ଦେଖି ବାବାଜୀ ମହାଶୟ କହିଲେ 'ଶ୍ରୀବଳଦେବଜୀଉ ଲଳିତଗିରିରେ କନ୍ଦରାସୁରକୁ ମାରି ଆସିବା ପରେ ଏହି ସିଦ୍ଧ ପୁଷ୍କରିଣୀରେ ପାଦ ଧୋଇଥିଲେ।' ତା ପରେ ବାବାଜୀ ମହାଶୟଙ୍କ ଇଙ୍ଗିତରେ ଲୋକମାନେ ଉକ୍ତ ପଥରଟିକୁ ଉପରକୁ ଆଣିଥିଲେ ସମସ୍ତେ ହରିବୋଲ ହୁଳହୁଳିରେ ସେ ସ୍ଥାନ ଫାଟି ପଡୁଥାଏ। ଉପରକୁ ଆସିବାରୁ ବାବାଜୀ ମହାଶୟ ସେହି ପଥର ଦେହରେ ଶ୍ରୀ ସିଦ୍ଧବଳଦେବଜୀଉଙ୍କ ପାଦ ପଦ୍ମ ଅଙ୍କିତ ଥିବା ସମସ୍ତଙ୍କୁ ଦେଖାଇଲେ ଏହା ଦେଖି ସବୁ ଚକିତ ହୋଇଗଲେ। ଉକ୍ତ ପଥରକୁ ଶ୍ରୀ ଅମରେଶ୍ୱର ମହାଦେବଙ୍କ ମନ୍ଦିରକୁ ନିଆଗଲା ହରିନାମ ସହିତ ବାବାଜୀ ମହାଶୟଙ୍କ ନିର୍ଦ୍ଦେଶରେ ସେହି ଦିନ ମାଘ ମାସ କୃଷ୍ଣ ଦ୍ୱାଦଶୀ ତିଥି ହୋଇଥିଲା। ସେହି ପୁଷ୍କରିଣୀ ସିଦ୍ଧପୁଷ୍କରିଣୀ ନାମରେ ନାମିତ ହେଲା। ତାପରେ ବାବାଜୀ ମହାଶୟଙ୍କୁ ଯଥୋଚିତ ସମ୍ମାନ ଦିଆଯାଇ ବିଦାୟ କରାଗଲା। ତାପର ବର୍ଷ ସେ ଦିବ୍ୟ ପାଦପଦ୍ମକୁ ଏକ ଛୋଟ ମନ୍ଦିର କରି ସେହି ତିଥିରେ ସ୍ଥାପନ କରାଗଲା ଏବଂ ପ୍ରତିବର୍ଷ ମାଘ କୃଷ୍ଣ ଦ୍ୱାଦଶୀ ତିଥିରେ ପାଦପଦ୍ମ ଉଦ୍ଧାରର ସ୍ମରଣ ଦିବସ ରୂପେ ପାଳନ କରାଯାଉଛି ଆଜି ପର୍ଯ୍ୟନ୍ତ।

ଏହିପରି ଅନେକ ଥର କେନ୍ଦ୍ରାପଡ଼ା ଜିଲ୍ଲାକୁ ବାବାଜୀ ମହାଶୟ ଆସିଛନ୍ତି ଓ ଶ୍ରୀ ବଳଦେବ ଜୀଉଙ୍କୁ ଦର୍ଶନ କରିବା ସହିତ ମନ୍ଦିର ମଧ୍ୟରେ ହରିନାମ ସଂକୀର୍ତ୍ତନ କରିଛନ୍ତି। ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରଗଣାରେ ଥିବା ଷଡ଼ଭୁଜ ଗୌରାଙ୍ଗ ବିଗ୍ରହ ବାବାଜୀ ମହାଶୟଙ୍କ ଦିଗଦର୍ଶନରେ ପ୍ରତିଷ୍ଠା କରାଯାଇଛି ଜୟ ବଡ଼ଠାକୁର ଜୟ ବଳିୟାରଭୁଜ।

ଦୂରଭାଷ : ୬୩୭୧୫୮୦୫୨୪

## କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର ପରିଦର୍ଶନ କଲେ ପ୍ରଭାତୀ ପରିଡା

ଭୁବନେଶ୍ୱର, ୧୨/୮ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ବାହ୍ୟଶତ୍ରୁଙ୍କ ଆକ୍ରମଣ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏହି ସ୍ଥାନରେ ଲୁଚାଇ ରଖାଯାଇଥିଲା । ତେଣୁ ଜଗନ୍ନାଥ ସଂସ୍କୃତିରେ ସର୍ବଦା ଏହି ପୀଠର ଗୁରୁତ୍ୱ ରହିଆସିଛି । ଆଜି ପରିଦର୍ଶନ ସମୟରେ ଏହି ମହତ୍ତ୍ୱପୂର୍ଣ୍ଣ ସ୍ଥାନର ବିକାଶ ପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନା ପାଇଁ ସ୍ଥିତି ସମୀକ୍ଷା କରିଥିଲେ ପ୍ରଭାତି ପରିଡା । ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର ପରିଦର୍ଶନ ଅବସରରେ ଏକ ସଭାରେ ଶ୍ରଦ୍ଧାଳୁ, ସ୍ଥାନୀୟ ଜନସାଧାରଣ ଏବଂ ପୂଜକମାନଙ୍କ ସହ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ଏହି 1ଠର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବର୍ଗର ଜନତା ନିଜ ନିଜର ମତାମତ ରଖିଥିଲେ। ଏହି ଅବସରରେ ପର୍ଯ୍ୟଟନ ବିଭାଗର ଯୋଜନା ଏବଂ ଆଗାମୀ ଦିନର କାର୍ଯ୍ୟନ୍ଥା ବାବଦରେ ଆଲୋକପାତ କରିଥିଲି। ଏହି ସଭା ପୂର୍ବରୁ ବୀରମହାରାଜପୁର ବିଧାୟକ ଶ୍ରୀ ରଘୁନାଥ ଜଗଦଲା, ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ, ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ପୀଠର ବିକାଶ ପାଇଁ ସ୍ଥିତି ଅନୁଧ୍ୟାନ କରିଥିଲେ ଉପମୁଖ୍ୟମନ୍ତ୍ରୀ।

## ଜାତୀୟ ନାଟ୍ୟ ମହୋତ୍ସବର ପୋଷ୍ଟର୍ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା , ୧୨/୮ (ନି.ପ୍ର): ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ : ବାରିପଦା' ଦ୍ୱାରା ସେପ୍ଟେମ୍ବର ମାସ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ଜାତୀୟ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମହୋତ୍ସବର ପୋଷ୍ଟର ଉନ୍ମୋଚିତ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ବାରିପଦା ବିଧାୟକ ପ୍ରକାଶ ସୋରେନ ମହୋତ୍ସବର ପରିଚୟ ପତ୍ର କାର୍ଡ ରିଲିଜ କରିବା ସହ ମହୋତ୍ସବର ସଫଳତା ପାଇଁ ଏକାଠି ମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।




ମହୋତ୍ସବର ସଭାପତି ତଥା ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ତଥା ମଂଚ-ନାଟକ ଓ ଚଳଚ୍ଚିତ୍ର ଜଗତର ଲେଖକ, ନିର୍ଦ୍ଦେଶକ, ଅଭିନେତା ଚିନ୍ମୟ ଦାସ ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହିତ ଏହି ଐତିହାସିକ ଜାତୀୟ ନାଟ୍ୟ ମହୋତ୍ସବ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ । ମହୋତ୍ସବର ଅନ୍ୟତମ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଓ ବିଶିଷ୍ଟ ସମାଜସେବୀ ଡକ୍ଟର ବିଜୟ କୁମାର ଅଗ୍ରୱାଲ ମହୋତ୍ସବରେ ସାମିଲ ହେବାକୁ ଆସୁଥିବା ପ୍ରତିଷ୍ଠିତ କଳାକାର ମାନଙ୍କର ଥଇଥାନ ସଂପର୍କରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଉପସଭାପତି ତଥା ଏମ ପି ସି ଗଭର୍ଣ୍ଣିଂ ବଡିର ଚେୟାରମ୍ୟାନ ମେଜର ଡକ୍ଟର କଳ୍ପନା ଦାସ ମହୋତ୍ସବକୁ ନିମନ୍ତ୍ରିତ ହୋଇ ଆସୁଥିବା ବରେଣ୍ୟ ଅତିଥିମାନଙ୍କ ସଂପର୍କରେ ସବିଶେଷ ଧାରଣା ଦେଇଥିଲେ । ଅଟଳ ଧର୍ମ ରତ୍ନରେ ଭୂଷିତ ହୋଇଥିବା ବରିଷ୍ଠ ସମାଜ ସେବୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଉତ୍ସବର ସଫଳତା କାମନା କରିବା ସହିତ ଅଧକ୍ଷା ଡକ୍ଟର ପୁଷ୍ପା ପାତ୍ର, ଆଡଭୋକେଟ ସୁଜାତା ମିଶ୍ର, ଇଂଜିନିୟର ପ୍ରଦୀପ କିଶୋର ମହାନ୍ତି ମହୋତ୍ସବର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ଓ ବୈଠକରେ ବିଶିଷ୍ଟ କଳାକାର, ନାଟ୍ୟକାର, ନିର୍ଦ୍ଦେଶକ କ୍ଷିରୋଦ ସିଟ୍, ଅନିଲ ପ୍ରଧାନ, ସୁଧୀର ମହାନ୍ତି, ଲମ୍ବୋଦର ସିଂ, ଅନ୍ନଦାଶଙ୍କର ଦାଶ, ଅଶୋକ ପଟ୍ଟନାୟକ, ବିଜୟ ଦାସ , ଅଧ୍ୟାପକ ଜ୍ଞାନ ରଞ୍ଜନ ପଣ୍ଡା , ସୁଧିର ନାୟକ, ପ୍ରୟାସ ଶତପଥୀ, ବିଜେନ୍ଦ୍ର ରାଉତ, ମନୋଜ ଦଳବେହେରା , ପ୍ରକାଶ ଚନ୍ଦ୍ର ଦାଶ , ସନ୍ତୋଷ ମହାନ୍ତି , କୁନ୍ଦନ ଭଞ୍ଜ, ଉଷା ଶତପଥୀ , ଅନୁବାଳା ମହାନ୍ତି , ମିଲି ଦାସ , ପ୍ରବୀର ବେହେରା, ବିଶ୍ୱଜିତ ପରିଡା, ଗୋକୁଳ ଦାସ, ସର୍ବତୋଷ ଦାଶ, ଅଶ୍ୱିନୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ଓ ଶେଷରେ ଯୁଗ୍ମ ସଂପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବେତନଟୀ ରୋଗୀ କଲ୍ୟାଣ ସମିତି ପକ୍ଷରୁ ରକ୍ତଦାନ ଶିବିର : ରକ୍ତଦାନ କଲେ ବଡ଼ସାହି ବିଧାୟକ

ବେତନଟୀ, ୧୨/୮(ନି.ପ୍ର) : ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବେତନଟୀ ରୋଗୀ କଲ୍ୟାଣ ସମିତିପକ୍ଷରୁ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ! ବେତନଟୀ ଡାକ୍ତରଖାନା ର ଭାରପ୍ରାପ୍ତ ଅଧିକାରୀ ସିପୁନ କୁମାର ପଣ୍ଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ଓ ବେତନଟୀ ଡାକ୍ତରଖାନାରେ ଏକ ରକ୍ତଭଣ୍ଡାର ଖୋଲିବା ପାଇଁ ପ୍ରତିଶୃତି ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ସିଡିଏମଓ ଶ୍ରୀଯୁକ୍ତ




କିଶୋର କୁମାର ଆଚାର୍ଯ୍ୟ, ଏଡିଏମଓ ବିଜୟ କୁମାର ଦାସ, ବେତନଟୀ ଏସଡିପିଓ ମିନତୀ ବିଶ୍ୱଳ , ଆଇଆଇସି ସସ୍ମିତା ମହାନ୍ତ , ଉତ୍ତର ଓଡ଼ିଶା ସଂସ୍କରଣ ର ସଂଯୋଜକ ଲକ୍ଷ୍ମୀଧର ବାରିକ , ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବେତନଟୀ ସମିତି ସଭ୍ୟ ରଣଜିତ୍ ସିଂ, ଯୁବ ନେତା ସଂଜୀବ ଜେନା, ରୋଗୀ କଲ୍ୟାଣ ର ସଦସ୍ୟ ଛତିଶ ପାତ୍ର ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ କମିଟି କୁ ପ୍ରଶଂସା କରିଥିଲେ। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟରଞ୍ଜନ ନାୟକ , ନର୍ସିଂଗ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ , ପୁଣ୍ଡରୀ କାଂସ୍ୟ ଦାସ, ଅର୍ଜୁନ ଦାସ, ନିତିଶ ସାମଲ, ପାର୍ଥ ସାରଥି ମହାନ୍ତ , ସକୁନ୍ତଳା ମହାନ୍ତ , କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୨୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶ, ଅମିତାଭ ଦାଶ, ସନ୍ତୋଷ ଗିରି , ବିପିନ୍ ବିହାରୀ ପଣ୍ଡା, ସଦାନନ ପରିଡା, ଯୋଗେସ ପରିଡା, ବିଜୟ କୁମାର ସ୍ୱାଇଁ, ଜିତେନ୍ଦ୍ର ଲେଙ୍କା, ଲମ୍ବୋଦର ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ସୁଭଦ୍ରା ଗାଆଁଣ, ରସ୍ମିତା ବିଶୋଇ, ବିଶ୍ୱଭର ବେହେରା, ପ୍ରଦିପ କୁମାର ପାତ୍ର, ଅମୂଲ୍ୟ କୁମାର ସାହୁ, ବୈକୁଣ୍ଠ ବାରିକ, ବସନ୍ତ କୁମାର ବେହେରା, ଅଜିତ କୁମାର ପଲେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ରିହଲସଲ ଆରମ୍ଭ

ଭୁବନେଶ୍ୱର, ୧୨/୮ (ନି.ପ୍ର): ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହେବ। ରାଜ୍ୟ ସ୍ତରୀୟ ପରେଡ ଲାଗି ରିହଲସଲ ଆରମ୍ଭ ହୋଇଛି । ପରେଡ୍ ରିହଲସଲ ରେ ୪୯ଟି କଣ୍ଟିଜେଣ୍ଟ ଭାଗ ନେଇଛନ୍ତି । ଏହାସହ ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ମଧ୍ୟ ଅଂଶ ଗ୍ରହଣ କରିଛନ୍ତି । ବୁଧବାର ଦିନ ସକାଳୁ ଫୁଲଡ୍ରେସ ରିହଲସଲ କରାଯିବ । ପଡୋଶୀ ରାଜ୍ୟ ସହିତ ଉତ୍ତମ ସମନ୍ୱୟ ରକ୍ଷା ଲାଗି ଆନ୍ଧ୍ରପ୍ରଦେଶ ପୋଲିସର ଗୋଟିଏ ପ୍ଲାଟୁନ ପରେଡ଼ରେ ସାମିଲ ହେବେ। ଚଳିତ ବର୍ଷ ୨୦୨୨ ବ୍ୟଚର ଆଇପିଏସ ଅନନ୍ୟା ଅଓ୍ୱସ୍ତି ପରେଡ କାମାଣ୍ଡାଣ୍ଟ ଭାବେ ଦାୟିତ୍ୱ ତୁଲାଇବେ ।


## ପୂର୍ବ ତଟ ରେଳପଥ

### D&A (ଅନୁଶାସନ ଏବଂ ଅଭିଯୋଗ) ତଦନ୍ତ ନିମନ୍ତେ ବିଜ୍ଞପ୍ତି

ଶ୍ରୀ ଦୁର୍ଯ୍ୟୋଧନ ନାୟକ, ପଏଣ୍ଟମ୍ୟାନ/ଦହିକାଲୁ , ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳଙ୍କ ବିରୁଦ୍ଧରେ ମେଜର ପେନାଲ୍‌ଟି (Major Penalty) ଚାର୍ଜସିଟ୍ ନଂ. Sr.DOM/SBP/D&A/DN/PM-B/DKLU/24/239, ତା.03/08.10.2024ରିଖ ଦ୍ୱାରା ଅଭିଯୋଗ କରାଯାଇଥିଲା ଏବଂ ଏହି ଅଭିଯୋଗ ଫର୍ଦ୍ଦ ତାଙ୍କ ଘର ଠିକଣାରେ ପଠାଯାଇଥିଲା । କିନ୍ତୁ ସେ ତାଙ୍କ ଘର ଠିକଣାରେ ଅନୁପସ୍ଥିତ ଥିବା କାରଣରୁ ତାଙ୍କୁ ଉକ୍ତ ଅଭିଯୋଗ ଫର୍ଦ୍ଦ ଦିଆଯାଇପାରିନଥିଲା । ତାଙ୍କ ବିରୁଦ୍ଧରେ ପ୍ରସ୍ତୁତ ଚାର୍ଜ ମେମୋରାଣ୍ଡମ୍ (Charge Memorandum) ତା.03/08.10.2024ରିଖ ସମ୍ବନ୍ଧରେ ବିଭାଗୀୟ D&A (ଅନୁଶାସନ ଏବଂ ଅଭିଯୋଗ) ତଦନ୍ତ ପାଇଁ DTI/ମୁନିଗୁଡ଼ାଙ୍କ କାର୍ଯ୍ୟାଳୟରେ ତା.26.08.2025ରିଖ ପୂର୍ବାହ୍ନ 1030 ଘଟିକାରେ ଏହାର ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ତେଣୁ, ଶ୍ରୀ ଦୁର୍ଯ୍ୟୋଧନ ନାୟକଙ୍କୁ ଅଭିଯୋଗ ଫର୍ଦ୍ଦ ଗ୍ରହଣ କରିବା ପାଇଁ ତଦନ୍ତ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଠାରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ ତଥା ତଦନ୍ତରେ ସହଯୋଗ କରିବା ନିମନ୍ତେ ନିର୍ଦ୍ଧାରିତ ତାରିଖ ଓ ସମୟରେ DTI/ମୁନିଗୁଡ଼ାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଏହି ବିଜ୍ଞପ୍ତି ପ୍ରକାଶ ପାଇବାରେ 15 ଦିନ ପରେ ଉକ୍ତ ତଦନ୍ତକୁ ମାମଲାର ଯୋଗ୍ୟତା ଭିତ୍ତିରେ ସମାପ୍ତ କରାଯିବ ।

PR-464/Q/25-26 | ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ, ସମ୍ବଲପୁର


## ଦୁର୍ନୀତି ବିରୁଦ୍ଧରେ ବିଜେଡ଼ି ପକ୍ଷରୁ ଗଣ ଧାରଣା

ବାସୁଦେବପୁର, ୧୨/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବ୍ୟାପକ ଜାଲିଆତି ଏବଂ ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀ ଓ ସରପଞ୍ଚଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ବାସୁଦେବପୁର ବ୍ଲକ ପରିସରରେ ଏକ ଗଣ ଧାରଣା ଅନୁଷ୍ଠିତ ହୋଇ ଯାଇଛି। ଏହି ଧାରଣାରେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଦେବ ଦର୍ଶନ ଦାଶ, ଜୟନ୍ତୀ ବାରିକ୍, ବିଜେଡ଼ି ନେତା ପ୍ରଫୁଲ୍ଲ ବିଶ୍ୱାଳ, ସୁଗୋ ସରପଞ୍ଚ ଚିନ୍ତାମଣି ନାୟକ , ରାଜେନ୍ଦ୍ର କୁମାର ସାହୁ, ଦୀପକ ପୋଇ, ପବିତ୍ର ରଞ୍ଜନ ପୁହାଣ, ଚିନ୍ମୟ ବାରିକ୍, ଗିରିଶ ଚନ୍ଦ୍ର ସାମଲ, ଗୌତମ ସେଠି, ଜୟରାମ ବେହେରା, ଜଗବନ୍ଧୁ ଖିଲାର, କୃଷ୍ଣ ଚନ୍ଦ୍ର ଘଡ଼େଇ, ନିରଞ୍ଜନ ଦାସ, ରବୀନ୍ଦ୍ର ପଣ୍ଡା, ରାଜ କିଶୋର ବାରିକ ଓ ବହୁ ନେତା ଓ କର୍ମୀ। ୨୦୨୩ ୨୪ ଆର୍ଥିକ ବର୍ଷରେ ଏମ ଜି ଏନ୍ ଆର୍ ଜି ଏସ ଯୋଜନାରେ ଅରଣ୍ଡୁଆ ସରପଞ୍ଚ ତିରିଶ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କାମ ନ କରି ବିଲ୍ ଉଠାଇ ଥିବାର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବିଭିନ୍ନ ଦାବି ଗୁଡ଼ିକ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରଦ୍ଦ ହେବ ବିହାର...

ଯଦି ସେମାନଙ୍କ ପାଖରେ କ୍ଷମତା ନାହିଁ, ତା'ହେଲେ ସେଠାରେ ହିଁ ସବୁ କିଛି ଶେଷ ହୋଇଯିବ। କିନ୍ତୁ ଯଦି ସେମାନଙ୍କ ପାଖରେ କ୍ଷମତା ରହିଛି, ତା'ହେଲେ କୌଣସି ସମସ୍ୟା ନାହିଁ।" ଆବେଦନକାରୀ ଓକିଲ କପିଲ ଶିବଲଙ୍କ କହିବା କଥା ଯେ ନିର୍ବାଚନ କମିଶନଙ୍କ ପ୍ରକ୍ରିୟା ଦ୍ୱାରା ବିପୁଳ ସଂଖ୍ୟାର ଭୋଟର ବାଦ ପଡ଼ି ପାରନ୍ତି। ବିଶେଷ କରି ଯେଉଁମାନେ ଆବଶ୍ୟକ ଦସ୍ତାବିଜ ଦେଇ ପାରିବେ ନାହିଁ, ସେମାନେ ବାଦ ପଡ଼ିବେ। ନିର୍ବାଚନ କମିଶନଙ୍କ ତଥ୍ୟ କହୁଛି ୭.୨୪ କୋଟି ଲୋକ ଫର୍ମ ଦାଖଲ କରିଥିଲେ। ତଥାପି ୬୫ ଲକ୍ଷ ନାଁକୁ ବିନା ଯାଞ୍ଚରେ ବାଦ ଦିଆଯାଇଛି। ବିନା ସର୍ଭେରେ ସେମାନେ ଏପରି କରିଥିବା ନିଜର ସତ୍ୟପାଠରେ ମଧ୍ୟ କହିଛନ୍ତି। ଏହା ଶୁଣିବା ପରେ ନିର୍ବାଚନ କମିଶନ ୬୫ ଲକ୍ଷ ସଂଖ୍ୟା କେମିତି ହାସଲ କଲେ, ତା' ଉପରେ ପ୍ରଶ୍ନ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣଙ୍କ କେବଳ ଆଶଙ୍କା କରିଛନ୍ତି ନା ଏଥିରେ କୌଣସି ସତ୍ୟତା ରହିଛି ?"

### ନାରୀ ସୁରକ୍ଷା କ୍ଷେତ୍ରରେ ...

ପ୍ରକାଶ କରି ମୁଖ୍ୟମନ୍ତ୍ରୀ ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଏହି ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୁଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ, ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ...

ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ପୂର୍ବ ମୁଖ୍ୟ ବିଚାରପତି ବି.ବି. ଆଚାର୍ଯ୍ୟ ରହିଛନ୍ତି । ଦିଲ୍ଲୀ ହାଇକୋର୍ଟର ପୂର୍ବ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ଆବାସରେ ଚଳିତ ବର୍ଷ ନିଆଁ ଲାଗିଯାଇଥିଲା । ଏହାପରେ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ହେଲେ ଏହି ସମୟରେ କିନ୍ତୁ ସେଠାରେ ବହୁ ପରିମାଣରେ ଅଧା ଜଳା ନୋଟ ମିଳିଥିଲା । ଯାହାକି ସେ ସମୟରେ ବିବାଦ ସୃଷ୍ଟି କରିଥିଲା । ଏହାପରେ ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାବାଦ ହାଇକୋର୍ଟକୁ ଟ୍ରାନ୍ସଫର କରିଦିଆଯାଇଥିଲା । ଆଉ ଏବେ ଏହି ଘଟଣାରେ କମିଟି ଗଠନ କରିଛନ୍ତି ଲୋକସଭା ବାଚସ୍ପତି ।

### ପୁଣି ବାବୁଙ୍କୁ ନେଇ...

ନେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଅନକେ କ୍ଷେତ୍ରରେ ବାବୁ ଏହାକୁ ଅବହେଳା କରୁଥିବା ଅଭିଯୋଗ ଆସୁଛି । ତେଣୁ ଅମାନିଆ ଅଧିକାରୀଙ୍କ ଉପରେ କଡ଼ା ନଜର ରଖିବେ ସରକାର । କେଉଁ ଅଧିକାରୀ କାମ କରୁଛନ୍ତି, କେଉଁ ଅଧିକାରୀ ଅବହେଳା କରୁଛନ୍ତି ତାର ତର୍ଜମା କରାଯିବ । ପ୍ରଥମେ ଖାରବେଳ ଭବନ ଓ ଲୋକସେବା ଭବନରେ ଏଆଇ କ୍ୟାମେରା ଲଗାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାସ୍ତରର ସବୁ ଅଫିସରେ ଲାଗିବ ସିସିଟିଭି କ୍ୟାମେରା । ଦେଖନ୍ତୁ କିଭଳି ଅଫିସର ସରକାରଙ୍କ ନିର୍ଦ୍ଦେଶ ମାନୁନଥିବା ଅଭିଯୋଗ କରୁଛନ୍ତି ଶାସକ ଦଳର ବିଧାୟକ । ଅନେକ ବିଭାଗରେ ଖର୍ଚ୍ଚ ଆଶାନୁରୂପକ ହୋଇପାରିନି । ସେମାନଙ୍କ ବିଭାଗର ଖର୍ଚ୍ଚ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ସେପଟେ ପ୍ରେତ୍ୟକ କେନ୍ଦ୍ରୀୟ ଅନୁଦାନର ସମୀକ୍ଷା ପ୍ରତି ମାସର ୭ତାରିଖରେ କରିବାକୁ କୁହାଯାଇଛି ।

### ସାରା ରାଜ୍ୟରେ...

ସହ ଆଲୋଚନା ହୋଇଥିଲା । ଏହା ମଧ୍ୟରେ ୧ ମାସ ସମୟ ପୂର୍ଣ୍ଣ ହେବାକୁ ଯାଉଥିଲେ ମଧ୍ୟ ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କ କ୍ୟାଡର ପୁନର୍ଗଠନ ଏଯାଏଁ ହୋଇପାରି ନାହିଁ । ଆନ୍ଦୋଳନ ଯୋଗୁଁ ଚାଷବାସ ସମୟରେ ଲୋକେ ଅକଳରେ ପଡିଛନ୍ତି । ଏବେ ସବୁ ନିର୍ଭର କରୁଛି ସରକାରଙ୍କ ନିଷ୍ପତ୍ତି ଉପରେ ।

### ଭୁବନରେ ବଡ଼ ଅଘଟଣ...

ସମାନ ଘଟଣା ଘଟିଥିଲା । ଅର୍ଦ୍ଧଦଗ୍ଧ ନାବାଳିକା ଜଣଙ୍କ କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଆଖି ବୁଜିଥିଲେ । ବରଗଡ଼ ଜିଲ୍ଲା ଗାଇସିଲାଟ ଥାନା ଫିରିଙ୍ଗିମାଲ ଗାଁ ପଡ଼ିଆରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ ଅଷ୍ଟମ ଶ୍ରେଣୀର ଛାତ୍ରୀ। ନାବାଳିକା ଜଣଙ୍କ ମାମୁଘରେ ରହୁଥିଲେ । ତାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା । ଘଟଣା ପାଇଁ ଉତ୍ତରାଞ୍ଚଳ ଆଇଜି ପାରିବାରିକ ବିବାଦ କଥାକୁ ଇଶାରା କରିଥିଲେ। ସେପଟେ ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଧରି ତଦନ୍ତ କରୁଥିବାବେଳେ ରହସ୍ୟ ଘନେଇବାରେ ଲାଗିଛି। ଅନ୍ୟପଟେ ସାମାନ୍ୟ ଘଟଣାରେ କାହିଁକି ବଢୁଛି ଆତ୍ମହତ୍ୟା ?

### ଆଜି ସୁଦ୍ଧା ବଙ୍ଗୋପସାଗରରେ ...

ନୂଆପଡା ଓ ବଲାଙ୍ଗୀରରେ ପ୍ରବଳ ବରସହାକୟ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ବିଭାଗ । ବର୍ଷା ସମୟରେ ୩୦ ରୁ ୪୦ କିମି ର ଝଟକା ପବନ ହେବାର ସମ୍ଭାବନା ରହିଛି । ୧୫ ତାରିଖ ଯାଏ ଅତି ପ୍ରବଳ ଓ ୧୬ ଯାଏ ପ୍ରବଳ ବର୍ଷା ଥିବା ବେଳେ ଏହା ପରେ ପାଗ ବଦଳିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେପଟେ ମେଘୁଆ ପାଗ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ ।ତେଣୁ ୧୩ ରୁ ୧୬ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଏପଟେ ମୌସୁମୀ ଋତୁ ଅର୍ଥାତ୍ ଜୁନ ୧ ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୬୫୫.୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୬୯୮.୪ ମିମି ରେକର୍ଡ ହୋଇଛି। ରାଜ୍ୟରେ ଏବେବି ୬ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି।

### ପୁଣି ବାବୁଙ୍କୁ ନେଇ ...

ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୁଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଏବଂ ଜାମିନ୍ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୁଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

### ଓଡ଼ିଶାରେ ପ୍ରତିଷ୍ଠା ହେବ...

ଏବଂ ପ୍ୟାକେଜିଂ ୟୁନିଟ୍ ଉପରେ ଧ୍ୟାନ ଦେବ, ଯାହା ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନକୁ ମଜବୁତ କରିବ। ସେ କହିଛନ୍ତି, 'ସେମିକଣ୍ଡକ୍ଟର ବିନା କୌଣସି ଦେଶ ବିକଶିତ ନୁହେଁ।' ଏହି ପ୍ରକଳ୍ପଗୁଡ଼ିକ ବିଶ୍ୱ ଚିପ୍ ଯୋଗାଣ ଶୃଙ୍ଖଳାରେ ଭାରତକୁ ମଜବୁତ କରିବ ଏବଂ ପ୍ରଯୁକ୍ତିବିଦ୍ୟା ଆତ୍ମନିର୍ଭରଶୀଳତାର ଲକ୍ଷ୍ୟକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୪,୬୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହା ୨୦୩୪ ନିଯୁକ୍ତି ସୃଷ୍ଟି କରିବ। ଏହା ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅନେକ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ।

### ଛତିଶଗଡ଼ର ବିଜାପୁରରେ...

ଜଗଗାଲୁର ଥାନା ଅଂଚଳରେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଯବାନମାନଙ୍କୁ ସର୍ଚ୍ଚ ଅପରେସନରେ ପଠାଯାଇଥିଲା। ଆଜି ସକାଳେ ଯବାନମାନେ ଜଙ୍ଗଲରେ ପହଂଚିବା ପରେ ନକ୍ସଲମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ପୋଲିସ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ନକ୍ସଲଙ୍କ ଗୁଳିରେ ୨ ଜଣ ଯବାନ ଆହତ ହୋଇଥିଲେ । ସେମାନଙ୍କୁ ଏୟାରଲିଫ୍ଟ କରାଯାଇ ରାୟପୁରକୁ ସ୍ଥାନାନ୍ତରିତ କରାଯାଇଛି। ବର୍ତ୍ତମାନ ଉଭୟ ସୈନିକଙ୍କ ଅବସ୍ଥା ବିପଦମୁକ୍ତ। ଏଠାରେ, ପୋଲିସ ଦାବି କରିଛି ଯେ ଏନକାଉଂଟରରେ ଅନେକ ନକ୍ସଲ ନିହତ ଏବଂ ଆହତ ହୋଇଛନ୍ତି।

ବୁଧବାର, ଅଗଷ୍ଟ ୧୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପରିପାଳିତ

ଜଳେଶ୍ୱର, ୧୨/୮ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ବିବିଧ କାର୍ଯ୍ୟକ୍ରମ ସହିତ ସଂସ୍କୃତଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ବେଦମନ୍ତ୍ର ପାଠ ସହ ସଂସ୍କୃତଭାରତୀଙ୍କର ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା ।ଅତିଥି ଦେବୋ ଭବ କାର୍ଯ୍ୟକ୍ରମରେ ସମାଗତ ଅତିଥି ଏବଂ ଗୁରୁମାନଙ୍କର ପୁଷ୍ପ ଚନ୍ଦନଦ୍ୱାର ପରିପୂଜନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁଙ୍କର ସଭାପତିତ୍ୱରେ ଆୟୋଜିତ ସଭାରେ ଛାତ୍ର କିରଣ କୁମାଶ ଦାଶ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ପଣ୍ଡିତ ସଞ୍ଜୟକୁମାର ଦାଶ ସଂସ୍କୃତ ଭାଷା ସମସ୍ତ ଭାରତୀୟମାନଙ୍କର ହୃଦୟର ସ୍ପନ୍ଦନ ବୋଲି ମତ ବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତା ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ସମ୍ମାନୀତ ଅତିଥି ପୂର୍ଣଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ନାଥ ଭୂୟାଁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୁରୁପ୍ରସାଦ ରାଉଳ, ଅଧ୍ୟାପକ କାର୍ତିକେଶ୍ୱର ପାତ୍ର, ଅଧ୍ୟାପିକା ସୁଜାତା ରାଣୀ ଦାସ, ଅଧ୍ୟାପକ ସମରବଲ୍ଲଭ ସାହୁ ସଂସ୍କୃତଭାଷା ହିଁ ଭାରତ ବର୍ଷର ସମ୍ପୂର୍ଣ୍ଣ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ ।ଛାତ୍ରୀ ସୁଶ୍ରୀ ମାରିଆ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଛାତ୍ରୀ ପ୍ରଣିତା ପଣ୍ଡା,ରଞ୍ଜିତା ପରିଡା, ସୀତା ହେମ୍ବ୍ରମ୍ ସଂସ୍କୃତ ଭାଷାର ମହନୀୟତା ସମ୍ବନ୍ଧରେ ଭାଷଣ ପ୍ରଦାନ କରିଥିଲେ । ପଣ୍ଡିତ ଆଶୁତୋଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସଂସ୍କୃତ ଭାଷାରେ ନୃତ୍ୟ ସଂଗୀତ ଇତ୍ୟାଦି ସଂସ୍କୃତି ବିଚିତ୍ରା ନାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମ ରାମକୃଷ୍ଣ ଜେନା, ଅଶୋକ କୁମାର ପାଣିଗ୍ରାହୀ, ତ୍ରିଲୋଚନ ବେହେରା ପ୍ରମୁଖ ସଂଚାଳନ କରିଥିଲେ ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସାର୍ଥା ପଂଚାୟତରେ ଅନୁଷ୍ଠିତ ହେଲା ବିଶାଳ 'ତ୍ରିରଙ୍ଗା ଯାତ୍ରା'



ବାଲେଶ୍ୱର, ୧୨/୮ (ନି.ପ୍ର): ପବିତ୍ର ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାର୍ଥା ପଂଚାୟତରେ ବିଜେପିର ପଂଚୁପଡା ମଣ୍ଡଳ ପକ୍ଷରୁ ବିଶାଳ 'ତିରଙ୍ଗା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ପାଳିତ ହେଉଥିବା ତ୍ରିରଙ୍ଗାଯାତ୍ରା ସହିତ ହର ଘର ତ୍ରିରଙ୍ଗା ଅଭିଯାନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ତ୍ରିରଙ୍ଗା ଯାତ୍ରାର ଗୁରୁତ୍ୱ ଅଧିକ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ, ସେନାର ବୀରତ୍ୱ ଏବଂ ଦେଶବାସୀଙ୍କ ଏକତାର ସଂକଳ୍ପ ସହିତ, 'ଅପରେସନ ସିନ୍ଦୁର' ସମ୍ପୂର୍ଣ୍ଣ ସଫଳ ହୋଇଛି । ଏକ ନୂତନ ସମୃଦ୍ଧ, ଶକ୍ତିଶାଳୀ ଏବଂ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ପାଇଁ ଦେଶବାସୀ ଆଜି ଗର୍ବିତ ବୋଲି ଶ୍ରୀ ଦତ୍ତ କହିଥିଲେ । 'ହର ଘର ତିରଙ୍ଗା' ଅଭିଯାନ ପାଇଁ ସମସ୍ତଙ୍କ ଉତ୍ସାହ ଉଚ୍ଚରେ ରହିଥାଏ, ଗରିବ କି ଧନୀ, ଛୋଟ ଅଥବା ବଡ଼ ଘର, ସମସ୍ତେ ତ୍ରିରଙ୍ଗା ଉତ୍ତୋଳନ ପୂର୍ବକ ଗର୍ବ ଅନୁଭବ କରନ୍ତି । ତ୍ରିରଙ୍ଗାକୁ ନେଇ ଆନନ୍ଦ ଓ ଉତ୍ସାହ ଆମକୁ ପରସ୍ପର ସହିତ ଯୋଡିଥାଏ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଥିଲେ। ତେବେ ଦେଶର ୭୯ତମ ସ୍ୱାଧୀନତା ଦିବସକୁ ଅଧିକ ଆକର୍ଷଣୀୟ ଭାବେ ପାଳନ ପାଇଁ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ । ସାର୍ଥା ପଂଚାୟତର ଓଡଶାଳ ଛକ ଠାରୁ ଆରମ୍ଭ ହୋଇ ଏହି ତ୍ରିରଙ୍ଗା ଯାତ୍ରା ସାର୍ଥା ହାଟ ପର୍ଯ୍ୟନ୍ତ ଯାଇଥିଲା । ହଜାର ହଜାର ରାଷ୍ଟ୍ରପ୍ରେମୀ ଜନତା ୩୦୦ ଫୁଟର ବିଶାଳ ତ୍ରିରଙ୍ଗା ପତାକା ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଲୋକନାଥ ଭୂୟାଁ, ଅରବିନ୍ଦ ଜେନା, ଭୂଦେବ ସାହୁ, ତରୁଣ ଦୁଆରୀ, ନିଶ୍ଚିନ୍ତ ବେହେରା, ଝାଡେଶ୍ୱର ସେଠି, ଭାଗ୍ୟଧର ଦାସ, ବିନାୟକ ଦାସ, ନିତ୍ୟାନନ୍ଦ ମଲ୍ଲିକ, ଗୌରହରି ଜେନା, ମୁକୁନ୍ଦ ଆଦିକ, ମନ୍ମଥ ବେହେରା, ବିଜୟ ଦାସ, ମଞ୍ଜୁଶ୍ରୀ ଗାୟନ, ବିଷ୍ଣୁ ଧିଣ୍ଡା, ମନୋରଞ୍ଜନ ମୂଳା, ବରେନ୍ଦ୍ର ପାଣି, ହରିଶ୍ଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ମଣ୍ଡଳ, ଚନ୍ଦ୍ରକାନ୍ତ ମଲ୍ଲିକ, ଲିପୁନ ମହାକୁଡ଼, ବେଣୁଧର ବେହେରା, ଚିତ୍ତରଞ୍ଜନ ଦାସ, ଚନ୍ଦନ ନାୟକ, ସନାତନ ସେଠି, ପ୍ରଦୀପ ନାୟକ, ରାମଚନ୍ଦ୍ର ମାଝୀ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ମେସ୍ ବାଥ୍ ରୁମ୍‌ରେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଭଦ୍ରକ , ୧୨/୮ (ନି.ପ୍ର): ଭଦ୍ରକ କଲେଜ ନିକଟରେ ଥିବା ଏକ ମେସ୍ ବାଥ୍ ରୁମ୍ ରୁ ଜଣେ ଛାତ୍ରିଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ଖବର ଅନୁଯାୟୀ ବାସୁଦେବପୁର ବାସିନ୍ଦା ଉମାକାନ୍ତ ମଳିକ ଙ୍କ ଝିଅ ପୁଷ୍ପାରାଣୀ ଭଦ୍ରକ କଲେଜରେ ଯୁକ୍ତ ତିନି ପ୍ରଥମ ବର୍ଷ ର ଛାତ୍ରି ଥାଇ ନିକଟସ୍ଥ ଏକ ମେସ୍ ରେ ରହୁଥିବା ବେଳେ ଆଜି ବାଥ୍ ରୁମ୍ ରେ ରସୀ ଲଗାଇ ସନ୍ଦେହ ଜନକ ଭାବେ ମୃତ୍ୟୁ ବରଣ କରି ଛନ୍ତି, ଘଟଣା ସ୍ଥଳରେ ଭଦ୍ରକ ଏସ୍ ପି ମନୋଜ ରାଉତ ଙ୍କ ସହ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ଥିବା ବେଳେ ଏହା ତଦନ୍ତ ପରିସରଭୁକ୍ତ ଅଛି।

# ଚରମ୍ପା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା କର୍ମଶାଳା




ଭଦ୍ରକ, ୧୨/୮ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ଚରମ୍ପା କଲେଜ ପରିସରେ ମାନସିକ ଅବସାଦ ନିରାକରଣ ସମ୍ବନ୍ଧିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ପ୍ରତିଯୋଗିତାମୂଳକ ସମାଜରେ ଲକ୍ଷ୍ୟହାସଲରେ ବିଫଳତା, ଚାକିରି, ବ୍ୟବସାୟ, ବୃତ୍ତିଗତ କ୍ଷେତ୍ରରେ ସଫଳତା ଅଭାବରେ ମାନସିକ ଅବସାଦ ସୃଷ୍ଟି ହେବା ସ୍ୱାଭାବିକ ଘଟଣା । ମାନସିକ ଚାପ ସହ୍ୟ ନକରିପାରି ବ୍ୟକ୍ତି ଆତ୍ମହତ୍ୟାର ଆଶ୍ରୟ ନେଉଥିବା ଦୁଃଖଦ ଘଟଣାମାନ ସମାଜରେ ବଢିବଢ଼ି ଚାଲିଛି । ଏହାର କାରଣ ଓ ପ୍ରତିକାର ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧକ୍ଷ ଅମରେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନସ୍ତତ୍ତ୍ୱବିତ୍ ଡାକ୍ତର ଲୋନି ଲିଓନି ବେହେରା, ନିମନ୍ତ୍ରିତ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ଆଲୋଚନା କରିଥିଲେ । ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସଂଯୋଜକ ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥଲେ ।

# ସଂସ୍କୃତିର ବିକାଶ ପାଇଁ ସଂସ୍କୃତ ଭାଷା ଜରୁରୀ

ବାଲେଶ୍ୱର , ୧୨/୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଇଡିଦାସ୍ଥିତ ଗୋଲକ ନାରାୟଣ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତି ରଣାଙ୍କ ଆହ୍ୱାନ କ୍ରମେ ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ସାମଲଙ୍କ ଅଧକ୍ଷତାରେ ସଂସ୍କୃତ ସପ୍ତାହ ଦିବସ ପାଳନ ହୋଇଅଛି । ଏହି ଉପଲକ୍ଷେ କନିଷ୍ଠ ଓ ବରିଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷଣ, ଶ୍ଲୋକାବୃତ୍ତି ଓ ସଂସ୍କୃତ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସମ୍ମାନିତ ଅତିଥି ସିଆରସିସି ପୂର୍ଣ୍ଣଚନ୍ଦ୍ର ଦାସ ଯୋଗ ଦେଇ ସଂସ୍କୃତିର ସୁରକ୍ଷାପାଇଁ ସଂସ୍କୃତ ଭାଷା ଜରୁରୀ ବୋଲି କହିଥିଲେ । ସଂସ୍କୃତ ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ ସଂସ୍କୃତ ଦିବସର ଉପାଦେୟତା ଓ ସଂସ୍କୃତ ସପ୍ତାହ ପାଳନର ଆଭିମୁଖ୍ୟକୁ ସଂସ୍କୃତ ଭାଷାରେ ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ମଞ୍ଜୁରାଣୀ ମହାପାତ୍ର, ରମାକାନ୍ତ ଦାସ, ଝରଣା ଦାସ, କାଳିଚରଣ ସେନାପତି, ଅନୁରାଧା ବେହେରା, ସସ୍ମିତା ଜେନା, କନକଲତା ବେହେରା, ଅଜିତ ଦାସ, ଅରୁଣ କୁମାର ଜେନା, ଶିବଶଙ୍କର ମିଶ୍ର ରସ୍ମିରାଣୀ ବେଶ୍ରା, ନିହାର ସିଂ ପରିଚାଳନା କରିବା ସହ ସଂସ୍କୃତ ଭାଷା ସମ୍ବନ୍ଧରେ ବିଦ୍ୟାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ ।






# କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ଅନ୍ତରା ଗସ୍ତ



ଖଇରା, ୧୨/୮ (ନି.ପ୍ର): ଅନ୍ତରା କେନାଲ ବନ୍ଧ ନିକଟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବଳାତ୍କାର କରାଯିବା ଘଟଣାକୁ ନେଇ ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲାବାସୀଙ୍କୁ ଆଚମ୍ୱିତ କରିଛି । ସୋମବାରର ସିନ ରିକ୍ରିଏସନ ପରେ ମଙ୍ଗଳବାର ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଅଧ୍ୟକ୍ଷା ବନ୍ଦିତା ପରିଡାଙ୍କ ନେତୃତ୍ୱରେ ଅନ୍ତରା ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ପିଡିତାଙ୍କ ପରିବାରକୁ ଭେଟି କଂଗ୍ରେସ ନାରିସୁରକ୍ଷା ସହ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ଏବଂ କଂଗ୍ରେସ ଦଳ ସବୁବେଳେ ମହିଳାଙ୍କ ସହ ରହିଛି ବୋଲି କହିବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ଟିମ ଅଧ୍ୟକ୍ଷା ସହିତ ସଭ୍ୟ ଭାବେ ଅମିତା ବିଶ୍ୱାଳ,ବାସନ୍ତୀ ସାମଲ,ନିରୁପମା ପାତ୍ର,ଅମିତା ଆଚାର୍ଯ୍ୟ,କନକଲତା ମଲ୍ଲିକ,ଜାନକୀ ମଲ୍ଲିକ ସାମିଲ ଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ବ୍ଲକ କଂଗ୍ରେସ ସଭାପତି ଶରତ ଦାସ,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ କଂଗ୍ରେସ ମହିଳାଙ୍କ ସାଥିରେ ଛାଇ ଭଳି ରହିଛି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥିବା ବେଳେ ଗୋଟିଏ ପରେ ଗୋଟିଏ ବଳାତ୍କାର,ହତ୍ୟା ଘଟଣା ରାଜ୍ୟସରକାରଙ୍କ ନିଷ୍କ୍ରିୟତାକୁ ପ୍ରମାଣିତ କରିଛି । ଓଡିଶାବାସୀ କଣ ଏଇଥିପାଇଁ ସରକାର ପରିବର୍ତ୍ତନ କରିଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି । ପିଡିତାଙ୍କୁ ଭଦ୍ରକରୁ ଅନ୍ୟ ହସପିଟାଲକୁ ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ । ଭୁବନେଶ୍ୱରରୁ ଡାକ୍ତର ଆସି ଏଠାରେ ଚିକିତ୍ସା କରିବାକୁ ଟିମ ଦାବି କରିଛି ।

## ମହିଳାଙ୍କ ସମ୍ମାନ ପାଇଁ ଲଢୁଛି କଂଗ୍ରେସ

ଭୁବନେଶ୍ୱର, ୧୨/୮ (ନି.ପ୍ର): ମହିଳା ସମ୍ମାନ ପାଇଁ କଂଗ୍ରେସ ଏକ ହୋଇ ଲଢୁଛି । ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ଲଢେଇ ଜାରି ରହିଛି ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର । ସେ କହିଛନ୍ତି ଯେ, କଂଗ୍ରେସ କୁ ବଢୁଥିବା ଭଲପାଇବା ଦେଖି ସରକାରୀ ଦଳ କଂଗ୍ରେସ ନେତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି । ମୋ ନାଁ ରେ ମିଥ୍ୟା ଅପପ୍ରଚାର କରାଯାଉଛି କଂଗ୍ରେସ ଦଳ କୁ ବଦନାମ କରିବାକୁ । ମୋ ନାଆଁରେ ଗୋଟିଏ ଖବରକାଗଜ ରେ ମିଛ ଖବର ପ୍ରକାଶ କରାଯାଇ ସୋସିଆଲ ମିଡ଼ିଆରେ ଅପପ୍ରଚାର କରାଯାଉଛି । ଯଦି ସରକାରଙ୍କ ଚାହିଁବେ ତେବେ ସବୁ ପ୍ରକାର ତଦନ୍ତକୁ ମୁଁ ସାମ୍ନା କରିବାକୁ ପ୍ରସ୍ତୁତ । ମୁଁ ସାଇବର ଥାନା ଓ ଆଇନ୍ ଗତ ପଦକ୍ଷେପ ନେବି । ଯେଉଁ ମାନେ ପଛରେ ଅଛନ୍ତି ସେମାନେ ସଜାଗ ହୋଇଯାଆନ୍ତୁ ବୋଲି ସେ କହିଛନ୍ତି ।

# ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ସମ୍ମାନ ଜନକ 'ଶ୍ରେଷ୍ଠ ମାତୃ ଉଦ୍ଭିଦ ପୁରସ୍କାର-୨୦୨୫' ପ୍ରଦାନ




ପାରାଦୀପ, ୧୨/୮ (ନି.ପ୍ର): ଓଡିଶା ଆସେମବ୍ଲି ଅଫ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସଏମଇ)ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱର ସର୍ବବୃହତ୍ତ ସମବାୟଭିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍‌କୁ 'ଶ୍ରେଷ୍ଠ ମାତୃ ଉଦ୍ଭିଦ ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି । ଏହି ସମ୍ମାନଜନକ ପୁରସ୍କାରକୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମଏସଏମଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଓଡିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚୀବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି । ଇଫକୋ ପାରାଦୀପ ୟୁନିଟ୍ ରାଜ୍ୟର ଏକ ଅଗ୍ରଣୀ ଶିଳ୍ପସଂସ୍ଥା ଭାବେ କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ ଶିଳ୍ପର ବିକାଶ, ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସୁନାମ ଅର୍ଜନ କରି ପାରିଛି । ଇଫକୋ ସମଗ୍ର ଦେଶରେ ଏକ ପ୍ରତିଷ୍ଠିତ ଶିଳ୍ପସଂସ୍ଥା ଭାବେ ଅନ୍ୟ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପସଂସ୍ଥାର ବିକାଶରେ ସହଭାଗିତା ଯୋଗାଇ ଆସିଛି । ଏହି ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନୀତ ହେବା ପରେ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ର ରାଜ୍ୟ ସରକାରଙ୍କ ସମେତ ଓଏସଏମଇକୁ କୃତଜ୍ଞତା ଜଣାଇଛନ୍ତି । ଇଫକୋ ପାରାଦୀପ ୟୁନିଟ୍ ଦେଶର କୃଷକମାନଙ୍କ ନିମନ୍ତେ ସବୁବେଳେ ନୂଆ ନୂଆ ପଦକ୍ଷେପମାନ ନେଇ ଆସିଛି । ଓଡିଶାର ଶିଳ୍ପ ବିକାଶ କ୍ଷେତ୍ରରେ ଇଫକୋ ଅବଦାନ ଅତୁଳନୀୟ ।ସମସ୍ତ ପରିସ୍ଥିତିରେ ଇଫକୋ ସବୁବେଳେ ସମାଜର ସବୁ ବର୍ଗର ଲୋକମାନଙ୍କ ସହିତ ରହି ଆସିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida